**ବିଜେଡି କର୍ମୀ ସମ୍ମିଳନୀ**

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡ଼ା ମ୍ୟୁନିସିପାଲିଟି ଅନ୍ତର୍ଗତ ୧ନଂ. ୱାର୍ଡ ସରବାହାଲ, ୫ନଂ. ୱାର୍ଡ ତଲିଭଟ୍ଟା ଓ ୧୧ନଂ. ୱାର୍ଡ ବେହେରାମାଲରେ ଗୁରୁବାର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କର୍ମୀମାନଙ୍କୁ ସମ୍ବୋଧନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ହରିଶ ଗଣତ୍ରା, ରାଜୁ ପାଣିଗ୍ରାହୀ, ପିଣ୍ଟୁ ପାଢ଼ୀ, ଅଶୋକ ଦାସ, ତୁଳସୀ ଦାସ, ମାନସ ରାୟ, ପ୍ରକାଶ ପଣ୍ଡା, ଅରବିନ୍ଦ ବାରିକ, ସୌଦାମିନୀ ହୋତା, ସରିତା ଅଗ୍ରୱାଲ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଚୂଡ଼ାନ୍ତ ହୋଇପାରୁନି ପୌରାଧ୍ୟକ୍ଷ ପ୍ରାର୍ଥୀ

**ସୁନ୍ଦରଗଡ଼**

- ପୌର ନିର୍ବାଚନ ପାଇଁ ବଢ଼ୁଛି ରାଜନୈତିକ ଉଷ୍ମତା
- ୩ ପ୍ରମୁଖ ଦଳରେ ପ୍ରାର୍ଥୀ ହେବା ନେଇ ଲମ୍ବି ଚାଲିଛି ଆଶାୟୀଙ୍କ ତାଲିକା

**ସୁନ୍ଦରଗଡ଼, ୩।୩(ଡି.ଏନ୍.ଏ)**

ଚଳିତ ମାସ ୨୪ତାରିଖରେ ପୌରନିର୍ବାଚନ ପାଇଁ ଘୋଷଣା ହେବା ପରେ ଏନେଇ ସୁନ୍ଦରଗଡରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷ ପଦବୀ ମହିଳାଙ୍କ ସକାଶେ ସଂରକ୍ଷିତ ରହିଛି। ଏଥର ଭୋଟରମାନେ କାଉନସିଲରଙ୍କ ସହିତ ସିଧାସଳଖ ପୌରାଧ୍ୟକ୍ଷଙ୍କୁ ବାଛିବେ। ଫଳରେ ପୌରାଧ୍ୟକ୍ଷ ପଦବୀ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପାରେ ଆଶାୟୀଙ୍କ ତାଲିକା ବଢ଼ିବାରେ ଲାଗିଛି। ବିଶେଷକରି ଶାସକ ବିଜେଡି ଓ ଭାଜପାରେ ଏହି ଆଶାୟୀଙ୍କ ସଂଖ୍ୟା ଅଧିକ ରହିଛି। ଆଶାୟୀମାନେ ଟିକେଟ ପାଇବା ପାଇଁ ନିଜସ୍ତରରେ ଲବିକୁ ଜୋରଦାର କରିଛନ୍ତି। ଅନ୍ୟପକ୍ଷରେ ପୌରାଧ୍ୟକ୍ଷ ଓ କାଉନସିଲର ପଦବୀ ପାଇଁ ବୁଧବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଦ୍ୱିତୀୟ ଦିବସ ଗୁରୁବାର ସୁଦ୍ଧା ଉଭୟ ପଦବୀ ପାଇଁ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନାହାନ୍ତି। ପ୍ରଥମ ଦିବସରେ ୧୦ କାଉନସିଲର ଓ ଜଣେ ପୌରାଧ୍ୟକ୍ଷ ପ୍ରାର୍ଥୀ ପାଇଁ ନାମାଙ୍କନପତ୍ର କ୍ରୟ କରିଥିବା ଜଣାଯାଇଛି। ଦ୍ୱିତୀୟ ଦିବସ ଗୁରୁବାର ୨ଜଣ ପୌରାଧ୍ୟକ୍ଷ ପଦବୀ ପାଇଁ ଓ ୫ଜଣ କାଉନସିଲର ପଦବୀ ପାଇଁ ନାମାଙ୍କନ ପତ୍ର କ୍ରୟ କରିଛନ୍ତି। ନାମାଙ୍କନପତ୍ର ଦାଖଲ ୭ତାରିଖ ପର୍ଯ୍ୟନ୍ତ ଥିବା ବେଳେ ୯ରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୧୪ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ବିଜେଡି ତରଫରୁ ଆଶାୟୀଙ୍କ ସଂଖ୍ୟା ଅଧିକ ରହିଥିବାରୁ ବିଜେଡି ସଭାପତି ପୌରାଧ୍ୟକ୍ଷ ପଦବୀ ପାଇଁ କାହାକୁ ଟିକେଟ ଦେବେ ସେନେଇ ଭୋଟରଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ସୁନ୍ଦରଗଡ଼ ରାଜପରିବାରର ବୋହୂ ବିଜ୍ଞାନୀ ଶେଖର ଦେଓ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ନବନୀତା ମିଶ୍ର, ପ୍ରିୟଙ୍କା ଜେନା ଆଦି ବହୁ ଆଶାୟୀଙ୍କ ନାମ ଦଳ ମଧ୍ୟରେ ଆଲୋଚନା ଚାଲିଥିଲା ବେଳେ ଏହି ପଦବୀ ପାଇଁ ସୁନ୍ଦରଗଡ ରାଜପରିବାର ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ସମ୍ମତି ପ୍ରକାଶ ପାଇନାହିଁ। ଭାଜପା ତରଫରୁ ନୀଳିମା ପଟେଲ ଷଡଙ୍ଗୀ, ତନୟା ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶାନ୍ତିଲତା ସରାଫ୍, ପୂର୍ବତନ ଜିଲା ସଭାନେତ୍ରୀ ସଂଯୁକ୍ତା ନାଏକ, ଲିପି ନାଏକଙ୍କ ନାମ ଟିକେଟ ପାଇଁ ଆଶାୟୀଙ୍କ ମଧ୍ୟରେ ରହିଛି। ସେହିପରି କଂଗ୍ରେସ ଦଳରେ ମଧ ୩ରୁ ୪ଜଣ ଆଶାୟୀ ଥିବା ବେଳେ କାହାରି ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ପୌରାଧ୍ୟକ୍ଷା ପଦବୀ ସମେତ ୧୯ ୱାର୍ଡର କାଉନସିଲର ପଦବୀ ପାଇଁ ଭୋଟଗ୍ରହଣ କରାଯିବ। ୱାର୍ଡ ନଂ ୧, ୨, ୩, ୬, ୭, ୧୬ ର କାଉନସିଲର ପଦବୀ ଅଣସଂରକ୍ଷିତ ଥିବା ବେଳେ ୱାର୍ଡ ନଂ ୪ ଓ ୧୯ ଅନୁସୂଚିତ ଜନଜାତି ମହିଳା ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ ରହିଛି। ୱାର୍ଡ ନଂ. ୧୭ ଅନୁସୂଚିତ ଜାତି ମହିଳାଙ୍କ ସକାଶେ ସଂରକ୍ଷିତ ରହିଥିବା ବେଳେ ୱାର୍ଡ ନଂ ୫, ୮, ୯, ୧୦, ୧୪, ୧୫, ୧୮ମହିଳା ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ ରହିଛି। ୱାର୍ଡ ନଂ. ୧୧ ଓ ୧୩ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ ଥିବାବେଳେ ୱାର୍ଡ ନଂ ୧, ୨ ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ ରହିଛି। ଦିନେ ୨ଦିନ ମଧ୍ୟରେ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇପାରେ ବୋଲି ସୂଚନା ମିଳିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ତୃତୀୟ ସମ୍ବଲପୁର କ୍ଲବ ପ୍ରିମିୟର ଲିଗ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ରଜତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ଧନକଉଡା ମିନି ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ସକାଶେ ଅଙ୍କୁରାରୋପଣ, ବୁର୍ଲା ଜଗନ୍ନାଥ ମନ୍ଦିର, ଅପରାହ୍ନ ସାଢ଼େ ୪ଟା।

## ସଂକ୍ଷେପରେ

### କୋଇଲା ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ



**ଝାରସୁଗୁଡ଼ା ଅଫିସ,୩।୩:** ବଡମାଲ ଥାନା ପୋଲିସ ଏକ କୋଇଲା ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସମ୍ବଲପୁର ଜିଲା ଠେଲକୋଲି ଥାନା ମୁଣ୍ଡାପଡା ବୁଢ଼ିଆପାଲିର ସୁନିଲ ମୁଣ୍ଡା (୩୫)। ଜବତ ଟ୍ରାକ୍ଟରରୁ ପୋଲିସ ୪ ଟନ୍ କୋଇଲା ଜବତ କରିଛି। ଏ ନେଇ ପୋଲିସ୍ ବଡମାଲ ଥାନା କେସ୍ ନଂ୪୩/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି, ଓଆର୍୧୫ଜି-୭୧୫୨ନଂ ଟ୍ରାକ୍ଟର ତଲାବିରା କୋଲ୍‌ମାଇନ୍ସରୁ କୋଇଲା ବୋଝେଇକରି ଝାରସୁଗୁଡ଼ା ଆସୁଥିବାବେଳେ ସାପଡ଼ା ଛକରେ ପୋଲିସ ହାତରେ ଧରାପଡିଥିଲା। କୋଇଲାକୁ ନେଇ ତାଙ୍କ ନିକଟରେ କୌଣସି କାଗଜପତ୍ର ନ ଥିଲା ।

### ଆରଏମ୍‌ସି ଏମ୍ପ୍ଲଇଜ ୟୁନିୟନର ନୂଆ କାର୍ଯ୍ୟକର୍ତ୍ତା

**ରାଉରକେଲା ଅଫିସ,୩।୩:** ରାଉରକେଲା ମହାନଗର ନିଗମ ଏମ୍ପ୍ଲଇଜ ୟୁନିୟନ କାର୍ଯ୍ୟାଳୟରେ ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସଭାରେ ସଂଘର ପୁରୁଣା କମିଟିର କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏକ ନୂତନ କମିଟି ଚୟନ କରାଯାଇଛି। ନୂତନ କମିଟି ସଭାପତି ଭାବେ ଆନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ରସାନନ୍ଦ ନାୟକ, ଉପସଭାପତି ସଚ୍ଚିଦାନନ୍ଦ ଦାସ, ସାଧାରଣ ସମ୍ପାଦକ ଶୁଶାନ୍ତ କୁମାର ମହାନ୍ତି, ସମ୍ପାଦକ ଇସ୍ରାର ଆଲାମ ଖାନ, ସଙ୍ଗଠନ ସମ୍ପାଦକ ଅଞ୍ଜନ କୁମାର ଦାସ, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ଦାସ, ସନ୍ତୋଷ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ଧରଣୀଧର ବେହେରା ଚୟନ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି।

### ଗଣତି ପୂର୍ବରୁ ଭୋଟବାକ୍ସର ସିଲ୍ ଖୋଲାଯାଇଥିବା ଅଭିଯୋଗ

**ଦେବଗଡ଼,୩।୩(ଡି.ଏନ.ଏ):** ଗଣତି ପୂର୍ବରୁ ଭୋଟ ବାକ୍ସର ସିଲ୍ ଖୋଲାଯାଇଥିବା ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ବାରକୋଟ ବ୍ଲକ ବିଜୟନଗର ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ପ୍ରାର୍ଥୀ ସନ୍ତୋଷ କୁମାର ଦାସଙ୍କ ଏଜେଣ୍ଟ ଥିବା ଘୁରୁଡୁଖମଣ ଗ୍ରାମର ସଞ୍ଜୟ କୁମାର ବଣିଚୂଳଙ୍କ ଅଭିଯୋଗ ଅନୁଯାୟୀ ବିଜୟନଗର ବୁଥ ନଂ. ୩ର ଭୋଟ ବାକ୍ସ ଗଣତି ଟେବୁଲକୁ ଆସିବା ପୂର୍ବରୁ ଉକ୍ତ ବାକ୍ସର ସିଲ୍ ଖୋଲାଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ସେ ଏବଂ ଅନ୍ୟ ଏଜେଣ୍ଟମାନେ ମିଶି ସେହି ବୁଥର ଭୋଟ କାଗଜଗୁଡ଼ିକୁ ଗଣତି କରା ନ ଯାଇ ଅନ୍ୟ ବୁଥର ଭୋଟ କାଗଜଗୁଡ଼ିକୁ ଗଣତି କରିବାକୁ ଗଣତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଏପରିକି ସେମାନେ ଭୋଟ କାଗଜ ହେରଫେର କରାଯାଇଥିବା ଅଭିଯୋଗ କରିବାସହ ଏଘଟଣାକୁ କେନ୍ଦ୍ରକରି ଗଣତି କେନ୍ଦ୍ରରେ ପ୍ରବଳ ପାଟିତୁଣ୍ଡ ମଧ ହୋଇଥିଲା। ସେମାନଙ୍କୁ ଲିଖିତ ଅଭିଯୋଗ କରିବାକୁ ସୁଯୋଗ ଦିଆଯାଇ ନ ଥିବା ସେମାନେ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ସମ୍ପୃକ୍ତ ବୁଥକୁ ଅସିଦ୍ଧ ଘୋଷଣା କରିବାକୁ ଦାବି କରିଥିବା ଜଣାପଡିଛି। ଏହି ଅଭିଯୋଗପତ୍ରର ନକଲ ବାରକୋଟ ବ୍ଲକର ବିଡିଓ, ଦେବଗଡ ଉପ ଜିଲାପାଳ ଓ ଜିଲାପାଳଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି। ଅନୁରୂପ ଭାବେ ଭୋଟ ଗଣତି ସମୟରେ ଅନ୍ୟ ପ୍ରାର୍ଥୀମାନଙ୍କର ଏଜେଣ୍ଟ ରହିଥିବା ବିଜୟନଗର ଗ୍ରାମର ସଦାଶିବ ଜେନା, ରାଜକିଶୋର ସାହୁ ଓ ଦାଶରଥି ଉଦାବର ମଧ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଅନୁରୂପ ଦାବି କରିଥିବା ଜଣାପଡିଛି ।

## ବ୍ରଜରାଜନଗର ବିଜୁ ଛାତ୍ର ଜନତା ଦଳ ସଭାପତି ନିଲମ୍ବିତ



ସରୋଜ କୁମାର ଶାହ

**ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର (ଡି.ଏନ.ଏ.), ୩।୩:**

ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ବ୍ରଜରାଜନଗର ପୌରାଞ୍ଚଳ ବିଜୁ ଛାତ୍ର ଜନତା ଦଳ ସଭାପତି ସରୋଜ କୁମାର ଶାହଙ୍କୁ ଗୁରୁବାର ଦଳରୁ ନିଲମ୍ବିତ କରାଯାଇଛି। ଏ ନେଇ ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ପଳାସ କର୍ମକାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି ସଭାପତି ଶାହ ଦଳର ବରିଷ୍ଠ କର୍ମକର୍ତ୍ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ବ୍ରଜରାଜନଗର ୧୦ନଂ ୱାର୍ଡରୁ କାଉନସିଲର ଭାବେ ଦଳରୁ ପ୍ରାର୍ଥୀ ହେବାକୁ ଦାବିକରି ସେ ବିଜେଡି ଟାଉନ ସଭାପତି ଓ ବିଜେଡି ଜିଲା ସାଧାରଣ ସମ୍ପାଦକଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏ ସମ୍ପର୍କରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହ ପରାମର୍ଶ ପରେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ହୋଇଥିବା ସଭାପତି ଶାହଙ୍କ ପ୍ରତିକ୍ରିୟା ଜାଣିବାପାଇଁ ଫୋନ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।

## ଟୋଲ୍ ଗେଟ୍ ଉଠାଇବା ଦାବିରେ ଧାରଣା

**ବ୍ରଜରାଜନଗର,୩।୩ (ଡି.ଏନ.ଏ.)**

**ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ**



ଟୋଲ୍ ଗେଟ ଆଗରେ ଧାରଣା ଦିଆଯାଇଛି।

୪୯ନଂ ଜାତୀୟ ରାଜପଥର ବ୍ରଜରାଜନଗର ନୂଆଡିହି ଛକରେ ଥିବା ଟୋଲ୍ ଗେଟ୍‌ରେ ଅବଧି ସରିବା ପରେ ମଧ ଟୋଲ୍ ଟିକସ ଆଦାୟ କରାଯାଉଛି। ସ୍ଥାନୀୟ ଜନସାଧାରଣ ଓ ଗାଡ଼ି ମାଲିକ ଏହି ଅଭିଯୋଗ କରି ଗୁରୁବାର ଟୋଲ୍ ଗେଟ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ତହସିଲଦାର କୁଳମଣି ରଣବିଡା, ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ବ୍ରଜରାଜନଗର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ, ଜାତୀୟ ରାଜପଥ ପ୍ରାଧିକରଣ ସମ୍ବଲପୁର ମୁଖ୍ୟ ନୀତିନ ଗୁପ୍ତା ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୧ମାସ ମଧ୍ୟରେ ଟୋଲ୍‌ଗେଟ୍ ଅନ୍ୟତ୍ୟ ସ୍ଥାନାନ୍ତର ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପେର ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ଏପ୍ରିଲ ୧ ତାରିଖ ସୁଦ୍ଧା ଏଠାରୁ ଟୋଲ୍ ଗେଟ୍ ଉଠା ନ ଗଲେ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷେ ଆନ୍ଦୋଳନକାରୀ ଦ୍ୱିତୀୟ ଇବ୍ ସେତୁ ନିର୍ମାଣ, ପ୍ରଶନ୍ନ ପଣ୍ଡା ଛକରୁ କନକତୋରା ଯାଏଁ ୪ ଲେନ୍ ରାସ୍ତା ନିର୍ମାଣ ଭଳି ଅନ୍ୟ କେତେକ ଦାବି ଉପସ୍ଥାପନ କରିଥିଲେ। ଏହି ସମସ୍ୟା ସମାଧାନ ପାଇଁ ଉଚ୍ଚପଦସ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ କହିଛନ୍ତି। ବ୍ରଜରାଜନଗର ଟ୍ରକ ମାଲିକ ସଂଘ ସଭାପତି ସତିଶ ସିଂହ, ସଚେତନ ନାଗରିକ ତପନ ସ୍ୱାଇଁ, ରବି ସୋନି, ସୁପ୍ରିତ ବେହେରା, ସଚିନ ଦାଶ, ରାଧେଶ୍ୟାମ ପ୍ରଧାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## କ୍ରିକେଟ: ଫାଇନାଲରେ ଆରୱାଇସିସି

**ରାଉରକେଲା ଅଫିସ,୩।୩**

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ୧୫ତମ ପ୍ରକାଶ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଓ ଆରୱାଇସିସି ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ପୂର୍ବତନ କାଉନସିଲର ଆଫରୋଜ ଅହମ୍ମଦ ଓ ସମାଜସେବୀ ଅମିତି ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ଆରୱାଇସିସି ଦଳ ୮ଉଇକେଟ ହରାଇ ୧୮୦ରନ୍ କରି ଫାଇନାଲରେ ପ୍ରବେଶ କରିଥିଲା। ୱାରଆଇସିସି ଦଳ ପକ୍ଷରୁ ଆଲୋକ ପ୍ରଧାନ ୭୪ ବଲ ଖେଳି ସର୍ବାଧିକ ୭୮ ରନ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ପ୍ରଦୀପ ସ୍ୱାଇଁ ଓ ସତ୍ୟ ରଥ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚ୍ ବାସନ୍ତୀ ୟୁଥ କ୍ରିକେଟ କ୍ଲବ (ୱାଇସିସି) ଓ ରାଉରକେଲା ୟୁଥ କ୍ରିକେଟ କ୍ଲବ (ଆରୱାଇସିସି) ଦଳ ମଧ୍ୟରେ ଖେଳାଯିବ ବୋଲି ଜଣାପଡିଛି।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ୨ୟ ଦିନ ସୁଦ୍ଧା ନାମାଙ୍କନପତ୍ର ଦାଖଲ ଶୂନ

**କୁଆଁରମୁଣ୍ଡା,୩।୩(ଡି.ଏନ.ଏ.)**

ରାଜ୍ୟର ୧୦୬ ପୌରପାଳିକା ନିର୍ବାଚନ ନିମନ୍ତେ ଗୁରୁବାର ଥିଲା ନାମାଙ୍କନର ୨ୟ ଦିବସ। ୨ୟ ଦିବସ ସୁଦ୍ଧା ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ପୌରପାଳିକା ନିର୍ବାଚନ ନିମନ୍ତେ କେହି ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ବୀରମିତ୍ରପୁର ପୌରପାଳିକା ନିର୍ବାଚନ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ ନାମାଙ୍କନପତ୍ର ଦାଖଲର ୨ୟ ଦିନ ସୁଦ୍ଧା ୧ଟି ନାମାଙ୍କନପତ୍ର ବିକ୍ରି ହୋଇଛି। ୧୦ ନମ୍ବର ୱାର୍ଡ ବାସିନ୍ଦା ଅରବିନ୍ଦ ଯୟସ୍ୱାଲ ଉକ୍ତ ନାମାଙ୍କପତ୍ର କ୍ରୟ କରିଥିବାବେଳେ କେହି ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଅନ୍ୟ ପକ୍ଷରେ ଚଳିତ ପୌର ନିର୍ବାଚନ ନିମନ୍ତେ ପୌରାଧ୍ୟକ୍ଷ ପଦବୀ ପାଇଁ ପ୍ରତ୍ୟେକ୍ଷଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଥିବା ବେଳେ ଏଥି ନିମନ୍ତେ ସ୍ୱତନ୍ତ୍ରଭାବେ ନାମାଙ୍କନପତ୍ର ବିକ୍ରି କରାଯାଉଛି। ହେଲେ ୨ୟ ଦିନ ସୁଦ୍ଧା ବୀରମିତ୍ରପୁର ପୌରପାଳିକା ନିମନ୍ତେ କୌଣସି ସ୍ୱାଧୀନ ହେଉ କିମ୍ବା ଦଳୀୟ ପ୍ରାର୍ଥୀ କେହି ବି ନାମାଙ୍କନପତ୍ର କିଣି ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ,୧୧ଟି ୱାର୍ଡକୁ ନେଇ ଗଠିତ ବୀରମିତ୍ରପୁର ପୌରପାଳିକାରେ ଗତ ୫।୧।୨୦୨୨ ଭୋଟର ତାଲିକା ଅନୁଯାୟୀ ମୋଟ ୨୪ ହଜାର ୪୦ ଜଣ ଭୋଟର ଅଛନ୍ତି। ସେଥି ମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୧୨ହଜାର ୨୮୬ ହୋଇଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧୧ହଜାର ୭୫୪ ବୋଲି ଜଣାପଡିଛି।

## ରାଜ୍ୟସ୍ତରୀୟ ଅରୁନ୍ଧତୀ ଉତ୍ସବ-୨୦୨୨



ଅତିଥିଙ୍କ ଗହଣରେ ସମ୍ମାନିତ କଳାକାରମାନେ।

**ସମ୍ବଲପୁରୀ କବି ଓ ସଙ୍ଗୀତକାର ସମ୍ମାନିତ**

**ସମ୍ବଲପୁର,୩।୩ (ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଗୁରୁ କେଲୁଚରଣ ଗବେଷଣା କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ଅରୁନ୍ଧତୀ ଉତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସ୍ତରରେ ପ୍ରତିଷ୍ଠା ଅର୍ଜନ କରିଥିବା ୫ଜଣ କୃତିବିଦ୍ୟ କଳାକାରଙ୍କୁ ଅରୁନ୍ଧତୀ ସମ୍ମାନ ପ୍ରଦାନ କରାଯାଇଥିଲା। ଘୁଡୁକା ଲୋକନୃତ୍ୟ ଶିଳ୍ପୀ ନୀଳକଣ୍ଠ ଭୋଇ, ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ନିମାକାନ୍ତ ରାଉତରାୟ, ସମ୍ବଲପୁରୀ କବି ଓ ଗୀତିକାର ଅର୍ଜୁନ ମେହେର, ସଙ୍ଗୀତକାର ଓ ଲେଖକ ଡ. ପ୍ରେମଚାନ୍ଦ ମହାନ୍ତି, ଯୁବ ତବଲା ବାଦକ ଗଜରାଗ ମୋହିନୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବିଦ୍ୟାଙ୍ଗ ବଂଶୀ ବାଦକ ଅସୀମ ମହାପାତ୍ର ଓ ଅମିତ ମହାପାତ୍ରଙ୍କୁ ଅରୁନ୍ଧତୀ କିଶୋର ସମ୍ମାନ ଦିଆଯାଇଥିଲା । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ପ୍ରାଣବିନ୍ଦୁ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଶୁଭାରମ୍ଭ କରିଥିଲେ । ବନ ସଂରକ୍ଷକ ହର୍ଷବର୍ଦ୍ଧନ ଉଦ୍‌ଗାତା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ରଞ୍ଜନ କୁମାର ଦାସ, ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ମନୋରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଅରୁନ୍ଧତୀ ମୁଖ୍ୟ ସଂଯୋଜକ ସମରେନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ଦେବାନନ୍ଦ ସାମଲ ସୂଚନା ଦେଇଥିଲେ। ଅନୁଷ୍ଠାନର ସଭାପତି ଉମାକାନ୍ତ ଭୂୟାଁ ସଭାପତିତ୍ୱ କରିଥିବାବେଳେ ସଙ୍ଗଠନ ସମ୍ପାଦିକା ରଶ୍ମିରେଖା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ କାୟାକଳ୍ପ ଟିମ୍

**କୁଚିଣ୍ଡା, ୩।୩ (ଡି.ଏନ.ଏ.)**

ସମ୍ବଲପୁରର ଏକ ଟିମ୍ ବୁଧବାର କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ପହଞ୍ଚି କାୟାକଳ୍ପ ଯୋଜନାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଡା. ପୁଷ୍ପାଞ୍ଜଳି ମିଶ୍ର, ଡା. ଶ୍ରୀପତି ଦାସ ମହାପାତ୍ର, ଜିଲା ପ୍ରୋଗ୍ରାମ ମ୍ୟାନେଜର ଡା. ମୌସୁମୀ ମିଶ୍ର ପ୍ରମୁଖ ଏହି ଟିମ୍‌ରେ ସାମିଲ ହୋଇ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୁଚିଣ୍ଡା ଏସ୍‌ଡିଏମ୍‌ଓ ଡା. ସୁବୋଧ ନାୟକ, ଡା. କ୍ଷେତ୍ରମୋହନ କାଣ୍ଡ, ହସ୍ପିଟାଲ ମ୍ୟାନେଜର ଶିବାନୀ ପାଣିଗ୍ରାହୀ ଓ ଡାକ୍ତରଖାନାର କର୍ମଚାରୀ ଉପସ୍ଥିତ ରହି କାୟାକଳ୍ପ ଟିମ୍‌କୁ ସ୍ୱାଗତ କରିଥିଲେ।



ଡାକ୍ତରଖାନା ଆଗରେ କାୟାକଳ୍ପ ଟିମ୍ ସଦସ୍ୟ।

## ସ୍କୁଲ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସିଲା



ଶ୍ରେଣୀ କୋଠରି ଛାତରୁ ପ୍ଲାଷ୍ଟର ଖସି ପଡ଼ିଛି।

**କୁତ୍ରା, ୩।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖଟକୁରବାହାଲସ୍ଥିତ ଉଚ୍ଚବିଦ୍ୟାଳୟ ଛାତରୁ ଗୁରୁବାର ସିମେଣ୍ଟ ପ୍ଲାଷ୍ଟର ଖସିପଡ଼ିଛି। ମାତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି ଛାତ୍ରୀଛାତ୍ର। ବିଦ୍ୟାଳୟଠାରୁ ମାତ୍ର ୫୦ ମିଟର ଦୂରରେ ରହିଛି ଖଟକୁରବାହାଲ ଚୂନପଥର ଖଣି। ସେଠାରେ ପ୍ରତିଦିନ କମ୍ପାନୀ ତରଫରୁ ବିସ୍ଫୋରଣ କରାଯାଇଥାଏ। ଗୁରୁବାର ପ୍ରତିଦିନ ପରି ଛାତ୍ରୀଛାତ୍ର ବିଦ୍ୟାଳୟ ଆସି ଶ୍ରେଣୀଗୃହରେ ବସି ପାଠପଢ଼ା ଆରମ୍ଭ କରିଥିଲେ। ପାଠପଢ଼ା ହେବା ପରେ ହଠାତ ଅପରାହ୍ନ ୧୨ଟା ପରେ ନବମ ଶ୍ରେଣୀର ଛାତରୁ ଏକ ବିରାଟ ସିମେଣ୍ଟ ଅତଡା ଖସି ପଡିଥିଲା। ସମସ୍ତେ ଶ୍ରେଣୀ କୋଠରୀରୁ ଦଉଡି ପଳାଇଥିଲେ। ପରେ ଛାତ୍ରୀଛାତ୍ର କୋଠରୀର ବାହାର ବାରଣ୍ଡାରେ ବସି ପାଠ ପଢ଼ୁଥିବା ଦେଖିବାକୁ ମିଳିଥିଲା। କୌଣସି ସୂତ୍ରରୁ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ ଏହି ଖବର ପରେ ବିଦ୍ୟାଳୟକୁ ଯାଇଥିଲେ। ଚୂନପଥର ଖଣି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡାକି ବିଦ୍ୟାଳୟ ଚାଲିଲା ସମୟରେ ବ୍ଲାଷ୍ଟିଂ ବନ୍ଦ କରିବା ପାଇଁ କହିବା ସହିତ ବିଦ୍ୟାଳୟ କୋଠରୀଗୁଡ଼ିକ ମରାମତି କରିବା ପାଇଁ କହିଥିଲେ। ତେବେ ଛାତ୍ରୀଛାତ୍ର ଏହାକୁ ନେଇ ଭୟଭୀତ ହୋଇଯାଇଥିବା ଜଣାପଡିଛି। ଏହାକୁ ନେଇ ବିଭିନ୍ନ ଅଭିଭାବକଙ୍କ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ କମ୍ପାନୀ ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଉଥିବା ସ୍କୁଲକୁ ଯେତେଶୀଘ୍ର ସମ୍ଭବ ଶେଷକରିସ୍କୁଲ କର୍ତ୍ତୃପକ୍ଷଙ୍କୁ ଦେବା ପାଇଁ ଅଭିଭାବକ ତଥା ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ଉପରବାହାଲବାସୀ

**ସୁନ୍ଦରଗଡ଼,୩।୩((ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଉପରବାହାଲ ଗ୍ରାମର ଏକ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ଦାବି ନେଇ ଗୁରୁବାର ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣଙ୍କୁ ସାକ୍ଷାତ କରିଥିଲେ। ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ତଥା ରାଜଗାଙ୍ଗପୁର ପୂର୍ବତନ ବିଧାୟକ ମଙ୍ଗଳା କିଷାନଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦେଖାକରି ସେମାନଙ୍କର ଅସୁବିଧା ଓ ଦାବି ବିଷୟରେ ଜଣାଇଥିଲେ। ଗ୍ରାମବାସୀଙ୍କ ଦାବି ମୁତାବକ ସେମାନେ ଅତି ଗରିବ ଓ ଦିନ ମଜୁରିଆ। ସେମାନଙ୍କର ଅଳ୍ପ କିଛି ଜମି ଅଛି। ଯେଉଁଥିରେ ସେମାନେ ଚାଷ କରି ପରିବାର ପୋଷିବା ଓ ପିଲାମାନଙ୍କୁ ଅତି କଷ୍ଟରେ ପଢାଇଥାନ୍ତି। ବର୍ତ୍ତମାନ କୁତ୍ରାରୁ କହୁପାନୀ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ (ଚଉଡ଼ା) କାର୍ଯ୍ୟ ଗୃହ ଓ ରାସ୍ତା ନିର୍ମାଣ ବିଭାଗ ଦ୍ୱାରା କରାଯାଉଛି। ଏହି ସମ୍ପ୍ରସାରଣ ସମୟରେ ଗ୍ରାମର ଅନେକ ଗରିବ ଲୋକଙ୍କ ରାସ୍ତା କଡ଼ରେ ଥିବା ପାର୍ଚ୍ଚା ଜମି ଗୁଡିକ ଚାଲି ଯାଉଥିବାରୁ ତାଙ୍କ ଦୁଃଖ ବଢ଼ିଯିବା ସହିତ ଅତି କଷ୍ଟରେ ପରିବାର ସହିତ ଦିନ ବିତାଉଛନ୍ତି । ରାସ୍ତା ସମ୍ପ୍ରସାରଣରେ ଯାଉଥିବା ତାଙ୍କ ଜମିର କ୍ଷତିପୂରଣ ମଧ୍ୟ ସେମାନଙ୍କୁ ଦିଆଯାଉନି। ଏଣୁ ସମ୍ପ୍ରସାରଣରେ ଜମି ହରା ଗ୍ରାମବାସୀ ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ମଙ୍ଗଳା କିଷାନଙ୍କୁ ଦେଖା କରି ସବୁ ବିଷୟ ଜଣାଇବା ପରେ ତାଙ୍କ ପରାମର୍ଶ କ୍ରମେ ସୁନ୍ଦରଗଡ଼ ଆସି ଜିଲାପାଳଙ୍କୁ ଦେଖାକରି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଯେଉଁ ଲୋକଙ୍କ ଜମି ରାସ୍ତା ସମ୍ପ୍ରସାରଣରେ ଯାଉଛି ସେମାନଙ୍କୁ ତାଙ୍କ ଜମିର ଉଚିତ କ୍ଷତି ପୂରଣ ଦିଆଯାଉ। ଖାଲୁଆ ଜାଗାଗୁଡିକରେ ଗାର୍ଡୱାଲ ନିର୍ମାଣ କରାଯାଇ ଲୋକଙ୍କ ଜମିରେ ଯେମିତି ପାଣି ନ ଜମିବ ତାର ବ୍ୟବସ୍ଥା କରାଯିବା ଲାଗି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲାପାଳ ଦାବି ସବୁ ଶୁଣି ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଏ ସବୁର ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସାକ୍ଷାତବେଳେ ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, ଉପରବାହାଲ ଗ୍ରାମରୁ ଆସି ଥିବା ମାନସିଦ ଗୁରିଆ, ସେତେଙ୍ଗ ସୟ, ଜିରେନ ବୁଶ, ତରସିଲା ଗୁରିଆ, ନାରୀନେତ୍ରୀ ଜନନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କୁତ୍ରା ବ୍ଲକ ଉପରବାହାଲ ଗ୍ରାମର ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରୁଛନ୍ତି।

## ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ପାଇଁ ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ୭୦ ଚାଷୀ

**ଦେବଗଡ଼,୩।୩(ଡି.ଏନ.ଏ.)**

ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ନ ଥିବାରୁ ବିକ୍ରି ପାଇଁ ଟୋକନ ପାଇ ମଧ ବାରକୋଟ ବ୍ଲକ ବସାଲଇ ଗ୍ରାମ ପଞ୍ଚାୟତର ୭୦ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ଅନ୍ୟପକ୍ଷରେ ଗୁରୁବାର ଟୋକନ ପାଇବାର ଏକମାସ ପୂରଣ ହୋଇଯାଇଥିବାରୁ ଟୋକନଗୁଡିକର ଅବଧି ଶେଷ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ସମ୍ପୃକ୍ତ ଚାଷୀମାନେ ଗୁରୁବାର ଦେବଗଡ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଆସି ଜିଲା ଯୋଗାଣ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ବସାଲଇ ସେବା ସମବାୟ ସମିତିକୁ ଧାନ କ୍ରୟ ପାଇଁ ଅଧିକ ଲକ୍ଷ୍ୟ ଧାର୍ଯ୍ୟ କରି ସମସ୍ତ ଚାଷୀଙ୍କର ଧାନ କ୍ରୟ କରିବାକୁ ଦାବି ଜଣାଇଛନ୍ତି। ପୂର୍ବାହ୍ନରେ କୃଷକ ନେତା ସଚ୍ଚିଦାନନ୍ଦ ପଟ୍ଟନାୟକ, ଶିଶିର ଚନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ ଓ ରଶ୍ମିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଟୋକନ ପାଇ ଧାନ ବିକ୍ରି କରିପାରି ନ ଥିବା ବହୁ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଏହାର ନକଲ ସମବାୟ ସମିତି ଉପ ନିବନ୍ଧକଙ୍କୁ ପ୍ରଦାନ କରିଥିବା ଜଣାପଡିଛି।

## ସିଆରପିଏଫର ସ୍ଥାପନା ଦିବସ ପାଳିତ

ଖପ୍ରାଖୋଲ,(ଡି.ଏନ.ଏ.): ଖପ୍ରାଖୋଲ ସିଆରପିଏଫ ୧୮୯ ବାଟାଲିଅନ କାର୍ଯ୍ୟାଳୟ ପରିସରରେ ସିଆରପିଏଫ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର ସିଂ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ସମ୍ମାନିତ ଅତିଥି ଏସଆଇ ଜୟଶଙ୍କର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ସିଆରପିଏଫର ଦେଶ ସୁରକ୍ଷା ପାଇଁ କାମ ଓ ସାମାଜିକ ଦାୟିତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସିଆରପିଏଫ ତରଫରୁ ଭେଲୁଆଖୋଲ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ପରାଜୟ ପରେ ଟଙ୍କା ମାଗିବା ଭିଡିଓ ଭାଇରାଲ

ଦେଓଗାଁ,୩।୩ (ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତର ଜଣେ ପରାଜିତ ସରପଞ୍ଚ ପ୍ରାର୍ଥୀଙ୍କ ସ୍ୱାମୀ ଲୋକଙ୍କୁ ଦେଇଥିବା ଟଙ୍କା ମାଗିବାର ଭିଡିଓ ଭାଇରାଲ ହୋଇଛି। ସ୍ତ୍ରୀ ପରାଜିତ ହେବା ପରେ ସ୍ୱାମୀ କେତେକ ସମର୍ଥକଙ୍କୁ ଧରି ପଞ୍ଚାୟତ ଅଧୀନ ନୁଆପାଲି ଯାଇଥିଲେ। ଘର ଘର ବୁଲି ଲୋକଙ୍କୁ ଟଙ୍କା ମାଗିଥିଲେ। ଏହାର ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। ଉକ୍ତ ଭିଡିଓରୁ ଏକ କ୍ରିକେଟ ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ହୋଇ ଯାଇଥିବା ସମୟରେ ଦେଇଥିବା ୫ ହଜାର ଟଙ୍କାକୁ ଫେରସ୍ତ ମାଗିଥିଲେ। ଉକ୍ତ ଟିମର ସଦସ୍ୟମାନେ ୫ ହଜାର ସହ ତେଲ ଖର୍ଚ୍ଚ ବାବଦକୁ ୫ ହଜାର ଏକ ଶହ ଟଙ୍କା ପ୍ରାର୍ଥିନୀଙ୍କ ସ୍ୱାମୀଙ୍କୁ ଫେରାଇଥିବା ଭିଡିଓରୁ ଜଣାପଡୁଛି। ଅନୁରୂପ ଭାବେ ବଡବାହାଲ ପଞ୍ଚାୟତରେ ମଧ ଜନୈକ ପରାଜିତ ସମିତି ସଭ୍ୟ ପ୍ରାର୍ଥୀ ସମର୍ଥକଙ୍କ ସହ ଟଙ୍କା ମାଗିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

### ଏନ୍‌ଏସି ନିର୍ବାଚନ କଂଗ୍ରେସର ପ୍ରାର୍ଥୀ ଖୋଜା

ନୂଆପଡ଼ା ଅଫିସ,୩।୩: ନୂଆପଡା ଜିଲାରେ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଖରିଆର ରୋଡ, ଖଡିଆଳ ଓ ନୂଆପଡା ରହିଛି। ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୩ ୱାର୍ଡ ରହିଥିବା ବେଳେ ନୂଆପଡାରେ ୧୪ଟି ୱାର୍ଡ ଏବଂ ଖରିଆର ରୋଡ ବିଜ୍ଞାପିତ ଅଂଚଳ ପରିଷଦରେ ୧୯ୱାର୍ଡ ରହିଛି। ୨୦୧୩ରେ ନୂଆପଡା ଏନଏସି ଗଠନ ହୋଇଥିବା ବେଳେ ପୂର୍ବରୁ ଖରିଆର ରୋଡ ଓ ଖଡିଆଳ ଏନ୍‌ଏସି ରହିଥିଲା। ବର୍ତ୍ତମାନ ବିଜେଡିରୁ ପ୍ରାର୍ଥୀ ଚୟନ କରି ପ୍ରତି ୱାର୍ଡରେ ପ୍ରାର୍ଥୀ ଦିଆଯାଉଥିବା ବେଳେ ଭାଜପା ପକ୍ଷରୁ ଚୟନ କରାଯାଉଛି। କଂଗ୍ରେସ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାର୍ଥୀ ଖୋଜି କରି ନ ଥିବାରୁ ଦ୍ୱନ୍ଦରେ ରହିଛି। ମାର୍ଚ୍ଚ ୨ ତାରିଖଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପ୍ରାର୍ଥୀ ଚୟନରେ ବିଳମ୍ବ ହେଉଥିବାରୁ ବର୍ତ୍ତମାନ ସୁଦ୍ଧା ନାମାଙ୍କନ ଦାଖଲ ହୋଇ ପାରିନାହିଁ।

### ଅଧ୍ୟକ୍ଷ ପାଇଁ ୫, କାଉନସିଲର ପାଇଁ ୧ ପ୍ରାର୍ଥିପତ୍ର ବିକ୍ରି

କେସିଙ୍ଗା,୩।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ନିର୍ବାଚନ ଲାଗି ନମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଓ ଗୁରୁବାର ଦୁଇ ଦିନ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷ ପାଇଁ ୫, କାଉନସିଲର ପାଇଁ ଗୋଟିଏ ପ୍ରାର୍ଥିପତ୍ର ବିକ୍ରି ହୋଇଛି। ୧୨ଟି ୱାର୍ଡ଼ ବିଶିଷ୍ଟ କେସିଙ୍ଗା ଏନ୍‌ଏସିରେ ସର୍ବମୋଟ ୧୪ ହାଜର ୨୦୫ ଜଣ ଭୋଟର ରହିଛନ୍ତି। ସେଥି ମଧ୍ୟରୁ ୭ ହାଜର ୧୬୩ଜଣ ପୁରୁଷ, ୭୦୪୨ଜଣ ମହିଳା ରହିଛନ୍ତି। ୧୨ଟି ୱାର୍ଡ଼ରେ ୧୭ଟି ବୁଥ ରହିଛି।

### ଦେଓଗାଁ ଡିଗ୍ରୀ କଲେଜରେ ମୋ କଲେଜ ଅଭିଯାନ

ଦେଓଗାଁ,୩।୩ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ମୋ କଲେଜ କମିଟି ଗଠନ କରାଯାଇଥିଲା। ଏଥିରେ ଅଧକ୍ଷ ପ୍ରଧାନୀ ସଭାପତି ରହିଥିବାବେଳେ ରାଜନୈତିକ ବିଜ୍ଞାନ ପ୍ରାଧାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ଓ ସଂଯୋଜିକା ଭାବେ ଅଧାପିକା ମଞ୍ଜରୀ ପୋଢ ରହିଛନ୍ତି। ସଦସ୍ୟ ଭାବେ ବାଣିଜ୍ୟ ବିଭାଗ ଅଧାପକ ମଳୟ ରଞ୍ଜନ ରଣା, ସଦସ୍ୟ ବିଜୟ କୁମାର ସାହୁ, ବୀରେନ୍ଦ୍ର କୁମାର ପାଣିଗ୍ରାହୀ, ଡ. ଶିବବ୍ରତ ଦାଶ, ଜ୍ୟୋତି ବିକାଶ ବାରିକ ଓ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ରହିଛନ୍ତି। ଆଗାମୀ ଦିନରେ କଲେଜର ବିଭିନ୍ନ ବିକାଶକୁ ନେଇ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା।

### ବିଶ୍ୱ ବନ୍ୟଜନ୍ତୁ ଦିବସ ପାଳିତ

ନୂଆପଡ଼ା ଅଫିସ,୩।୩: ନୂଆପଡା ଜିଲା ବୋଡେନ ବ୍ଲକ ଭଇଁଷାଦାନି ପଞ୍ଚାୟତ ପାଟଦରା ଗାଁ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ବନ୍ୟଜନ୍ତୁ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନର ପକୃତିବନ୍ଧୁ ଅରୁଣ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ହିରାଲାଲ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ବନ୍ୟଜନ୍ତୁ ଦିବସ ବିଷୟରେ ଆଲୋକପାତ କରିଥିଲେ। ଯୁଜେଷ୍ଟି ସାହୁ, ସଞ୍ଜୁ କୁମାର ଦୁରିଆ, ଲାଲମନ ମାଝି, ଶଙ୍କର ମାଝି, ମଙ୍ଗଳ ସିଂମାଝି, ମକରମ ପହରିଆ, ଦିଗଲ ମାଝି, ଚୈତନ୍ୟ ମାଝି, ସାନ ବାଗ, ତ୍ରିଲୋଚନ ପହରିଆ, ନୀଳ ସିଂ ପହରିଆ, ଲାଇଖାନ ପହରିଆ ପ୍ରମୁଖ ସହଯୋଗ କରିଥିଲେ।

# ସେବା ମାଧ୍ୟମରେ ଭାଇଚାରା ସୃଷ୍ଟି କରାଯାଇପାରିବ

## ମାହେଶ୍ୱରୀ ସଙ୍ଗଠନର ପଞ୍ଚମ ବାର୍ଷିକ ଉତ୍ସବ

ବଲାଙ୍ଗୀର ଅଫିସ, ୩।୩



ଅତିଥିମାନେ ସମାଜସେବୀ ଶିବ ନାରାୟଣ ବହିଦାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସାମାଜିକ ଅନୁଷ୍ଠାନ ମାହେଶ୍ୱରୀ ସଙ୍ଗଠନର ପଞ୍ଚମ ବାର୍ଷିକ ଉତ୍ସବ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛଇ। ଅତିଥି ଭାବେ ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ଓଡିଶା କଂଗ୍ରେସ ସାଧାରଣ ସମ୍ପାଦକ ତଥା ଓଭୋ ଫାର୍ମର କୋ-ଫାଉଣ୍ଡର ସମରେନ୍ଦ୍ର ମିଶ୍ର, ବରଗଡ ସ୍ଥିତ ବିକାଶ ଗ୍ରୁପ ଅଫ୍ ଇଷ୍ଟିଚ୍ୟୁଶନ ଆଣ୍ଡ ବିକାଶ ମଲ୍‌ଟି ସ୍ପେସାଲିଟି ହସ୍ପିଟାଲର ମୁଖ୍ୟ ଡ. ମୁରଲୀ କ୍ରିଷ୍ଣା ଯୋଗଦାନ କରିଥିଲେ। ସଭା ମଞ୍ଚରେ ଅନୁଷ୍ଠାନ ଉପଦେଷ୍ଟା ଲୋଟସ ଷଡଙ୍ଗୀ, ବ୍ୟସଦେବ ନନ୍ଦ, ଦୀନେଶ ଶର୍ମା ଉପସ୍ଥିତ ଥିଲେ। ଗତ ୫ ବର୍ଷ ମଧ୍ୟରେ ଜିଲା ତଥା ଜିଲା ବାହାରେ ମାହେଶ୍ୱରୀ ସଙ୍ଗଠନ ଗରିବ ଏବଂ ପୀଡିତ ଲୋକଙ୍କୁ ସେବା ଯୋଗାଇଥିବାରୁ ଅତିଥିମାନେ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେବା ଦ୍ୱାରା ହିଁ ଆମେ ଭାଇଚାରା ସୃଷ୍ଟି କରିପାରିବ ବୋଲି ଅତିଥିମାନେ କହିଥିଲେ। ମାହେଶ୍ୱରୀ ସଙ୍ଗଠନ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରଞ୍ଜିତ ମହାନ୍ତି, ଶିବ ନାରାୟଣ ବହିଦାର, ଡା. ସୁରେନ୍ଦ୍ର ଭୋଇ, ପ୍ରଗତି ପୁଟେଲ, ଜ୍ୟୋସ୍ନାମୟୀ ତାଣ୍ଡି, ଶତ୍ରୁଘ୍ନ ବେହେରା ଏବଂ ରୋଟାରୀ କ୍ଲବ୍ ଅଫ୍ ଇଲାଇଟ୍‌କୁ ସମ୍ମାନ ପ୍ରଦାନ କରାଯାଇଥିଲା। ପେଷାରେ ଜଣେ ଉଚ୍ଚବେତନ ପ୍ରାପ୍ତ ଚିକିତ୍ସକ ହେଲେ ମଧ ପରିବେଶ ପ୍ରତି ନିଜ ଦାୟିତ୍ୱବୋଧ ପ୍ରତିପାଦନ କରି ପ୍ଲାଷ୍ଟିକ ମୁକ୍ତ ସମାଜର ସ୍ୱପ୍ନ ଦେଖୁଥିବା ଡା. ମନମୋହନ ବାଗଙ୍କୁ ଚଳିତବର୍ଷ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ଲଳିତ ନାୟକ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ମାହେଶ୍ୱରୀର କୁଡାସିଂହା, ଆଗଲପୁର, ତରଭା ଶାଖା ସହ ସୋନପୁରରୁ ଆସିଥିବା ସ୍ୱଚ୍ଛ ଭାରତ ସଙ୍ଗଠନ ସଭ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ଅନ୍ୟତମ ଉପଦେଷ୍ଟା ଡା. ଲଳିତ କୁମାର ସାହୁ ସଭା ପରିଚାଳନା କରିଥିଲେ। ସଭାପତି ଶୋଭନ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦାନ କରିଥିଲେ। ସଭା ପରେ ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସବ୍‌ଜଜ୍‌ଙ୍କ ବଦଳି ଦାବିରେ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ


ଖଡିଆଳ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ।

ଖଡିଆଳ,୩।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ସିଭିଲଜଜ୍‌ଙ୍କ ମନମୁଖୀ କାର୍ଯ୍ୟ ଏବଂ ଓକିଲମାନଙ୍କୁ ଦୁର୍ବ୍ୟବହାର କରିବା ପ୍ରତିବାଦରେ ଗୁରୁବାରଠାରୁ ଖଡିଆଳ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ସିଭିଲଜଜ୍ ସନ୍ତୋଷ କୁମାର ଅଗ୍ରୱାଲଙ୍କୁ ଅନ୍ୟତ୍ର ବଦଳି ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଜାରି ରଖିବା ନିଷ୍ପତ୍ତି ନିଆଯାଇଛି। ଉକ୍ତ ଆନ୍ଦୋଳନରେ ସାମିଲ ହେବା ପାଇଁ ନୂଆପଡା ଓକିଲ ସଂଘ ସମେତ ବୋଡେନ, ସିନାପାଲି ଓ କୋମନା ଓକିଲ ସଂଘକୁ ଅନୁରୋଧ କରାଯାଇଛି। ଓକିଲ ସଂଘ ଅଭିଯୋଗ ଅନୁସାରେ ସିଭିଲଜଜ୍ ଅଗ୍ରୱାଲ କୋର୍ଟରେ ମନମୁଖିକାର୍ଯ୍ୟ କରିବା ସହ କଥାକଥାରେ ଓକିଲମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏ ନେଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ତଦନ୍ତ କରି ସିଭିଲ ଜଜ୍‌ଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ପକ୍ଷରୁ କୌଣସି ପଦକ୍ଷେପ ନ ନେବାରୁ ବାଧ୍ୟ ହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଖଡିଆଳ ସିଭିଲ କୋର୍ଟ ଓକିଲ ସଂଘ ଉପସଭାପତି ଭବେଶ ପାଣିଗ୍ରାହୀ ଏବଂ ସାଧାରଣ ସମ୍ପାଦକ ରବିନ୍ଦ୍ର କୁମ୍ଭାର ପ୍ରକାଶ କରିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନରେ ବରିଷ୍ଠ ଆଇନଜୀବୀ ସାରଦାପଣ୍ଡା, ବିରଜା ସିଂ ଦଳପତି, ଚିତ୍ତରଜଂନ ସିଂଦେଓ, ସଞ୍ଜୟ ମହାଉତି, ଶିବପ୍ରସାଦ ମେହେର, ଯୁଧିଷ୍ଠିର ମେହେର, ନରେନ୍ଦ୍ର ମେହେର, ସୁରେଶ ଅଗ୍ରୱାଲ, ମନିଷ ପଣ୍ଡାଙ୍କ ସମେତ ଶତାଧିକ ଓକିଲ ସାମିଲ ହୋଇଥିଲେ।

## ସବ୍‌ଜଜ୍‌ଙ୍କ ଦୁର୍ବ୍ୟବହାର, ମନମୁଖୀ କାର୍ଯ୍ୟକୁ ବିରୋଧ

# ନିଖୋଜ ଅବସରପ୍ରାପ୍ତ ଯବାନଙ୍କ ପତ୍ତା ମିଳୁନି

ବଲାଙ୍ଗୀର ଅଫିସ, ୩।୩

ବଲାଙ୍ଗୀର ମାଳପଡା ନିବାସୀ ଅବସରପ୍ରାପ୍ତ ଯବାନ କୁଞ୍ଜବିହାରୀ ମହାପାତ୍ର ନିଖୋଜ ଘଟଣାକୁ ପ୍ରାୟ ଦୁଇ ମାସ ପୁରିଲାଣି। ଏପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳୁ ନାହିଁ। ଗତ ଜାନୁୟାରୀ ୫ ତାରିଖରେ କୁଞ୍ଜବିହାରୀ ଏକ ମ୍ୟୁଚୁଆଲ ଫଣ୍ଡ କାରବାର ନେଇ ମୁମ୍ବାଇ ଯାଇଥିଲେ। ମୁମ୍ବାଇରେ ପହଞ୍ଚି ଘର ଲୋକଙ୍କୁ ଫୋନ୍ କରିଥିଲେ। ତେବେ ୧୦ ଜାନୁୟାରୀରୁ ତାଙ୍କ ମୋବାଇଲ ସୁଇଚ ଅଫ୍ ହୋଇଯିବାରୁ ତାଙ୍କ ସହ ପରିବାର ଲୋକେ କଥା ହୋଇପାରି ନ ଥିଲେ। ମୁମ୍ବାଇରୁ ୧୬ ଜାନୁଆରୀରେ ସେ ବଲାଙ୍ଗୀର ଫେରି ଆସିବା କଥା। ମାତ୍ର ନ ଫେରିବାରୁ ଏବଂ ମୋବାଇଲ ସୁଇଚ ଅଫ୍ ଥିବାରୁ ପରିବାର ଲୋକେ ବଲାଙ୍ଗୀର ଟାଉନ୍ ଥାନାରେ ଜାନୁୟାରୀ ୧୭ରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। କୁଞ୍ଜବିହାରୀଙ୍କ ମୋବାଇଲକୁ ୧୭ ତାରିଖରେ ଫୋନ୍ ଲଗାଇବାରୁ ଅହମ୍ମଦନଗରର ଜଣେ ବ୍ୟକ୍ତି ଉକ୍ତ ଫୋନ୍ ଉଠାଇ ତାଙ୍କ ପରିଚୟ ଦେଇଥିଲେ। ତେବେ ସେ ବ୍ୟକ୍ତି ଜଣକ କୁଞ୍ଜବିହାରୀଙ୍କ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ବଲାଙ୍ଗୀର ଏସ୍‌ପିଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜଣେ ପୋଲିସ ଅଧିକାରୀ ମହାରାଷ୍ଟ୍ର ପୁନେ ଅଞ୍ଚଳକୁ ଯାଇ ତଦନ୍ତ କରି ଫେରି ଆସିଥିଲେ। ସେଠାରେ କୁଞ୍ଜବିହାରୀଙ୍କ ପତ୍ତା ମିଳି ନଥିଲା। ଗତ ୨୦ ତାରିଖ ଦିନ କୁଞ୍ଜବିହାରୀଙ୍କ ବଲାଙ୍ଗୀର ମାଳପଡା ଘର ଠିକଣାରେ ଏକ ପାର୍ସଲ ଆସିଥିଲା। ସେଥିରେ ଏକ କିସ୍‌ମିସ୍ ପ୍ୟାକେଟ ଆସିଥିଲା। ଉକ୍ତ ପ୍ୟାକେଟ୍ କିଏ ପଠାଇଛି ଉଲ୍ଲେଖ ନ ଥିଲେ ମଧ୍ୟ ପୁନେରୁ ଆସିଥିବା ସ୍ପଷ୍ଟ ହୋଇଥିଲା। ପରିବାର ଲୋକେ ଏନେଇ ପୋଲିସକୁ ସୂଚନା ଦେଇଥିଲେ। ଏହାସତ୍ତ୍ୱେ କୁଞ୍ଜବିହାରୀ ନିଖୋଜ ଘଟଣାର ଅଗ୍ରଗତି ହୋଇନାହିଁ। କୁଞ୍ଜବିହାରୀ ମ୍ୟୁଚୁଆଲ ଫଣ୍ଡ କାରବାରରେ ମୁମ୍ବାଇ ଯିବାକୁ କହି କୁଆଡେ ଗଲେ ପତ୍ତା ମିଳିନାହିଁ। ଅନ୍ୟପଟେ ତାଙ୍କ ଫୋନ୍ କିଭଳି ଅନ୍ୟ ଜଣେ ଲୋକଙ୍କ ପାଖରେ ପହଞ୍ଚିଲା ତାହା ମଧ ସ୍ପଷ୍ଟ ହୋଇନାହିଁ। ପରିବାର ଲୋକେ ଚିନ୍ତାରେ ଥିବାବେଳେ ପୋଲିସ ଏହି ଘଟଣାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

# ମଡେଲିଂରେ ବଲାଙ୍ଗୀର ଗୃହିଣୀଙ୍କ ସଫଳତା



ସାବିତ୍ରୀ କୁମ୍ଭାର

ବଲାଙ୍ଗୀର ଅଫିସ, ୩।୩

ଦିଲ୍ଲୀର ଏକ ପଞ୍ଚତାରକା ହୋଟେଲରେ ଗତ ଫେବୃୟାରୀ ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ଏକ ମଡେଲିଂ ପ୍ରତିଯୋଗିତାରେ ବଲାଙ୍ଗୀର ହାତୀଶାଳପଡା ନିବାସୀ ଗୃହିଣୀ ସାବିତ୍ରୀ କୁମ୍ଭାର ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଅନ୍ୟ ୩୦ଜଣଙ୍କ ମଧ୍ୟରେ ଓଡିଶାରୁ ସାବିତ୍ରୀ ଏକମାତ୍ର ପ୍ରତିଯୋଗୀ ଥିଲେ। ପ୍ରତିଭା ରାଉଣ୍ଡରେ ସାବିତ୍ରୀଙ୍କ ସମ୍ବଲପୁରୀ ନାଚ ସମସ୍ତଙ୍କର ପସନ୍ଦ ହୋଇଥିଲା। ଶେଷ ରାଉଣ୍ଡରେ ସର୍ବଶ୍ରେଷ୍ଠ ୫ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ସାବିତ୍ରୀ ପ୍ରଥମ ସ୍ଥାନରେ ବିଜୟୀ ଘୋଷିତ ହୋଇଥିଲେ।

# ପୁନଃ ଗଣତି ପାଇଁ ବ୍ଲକ ଅଫିସ ସମ୍ମୁଖରେ ଧାରଣା

## ନୂଆଁପଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ନିର୍ବାଚନ

ଗୁଡ଼ଭେଲା,୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ନୂଅପଡା ପଞ୍ଚାୟତର ସରପଞ୍ଚ ନିର୍ବାଚନର ଫଳାଫଳ ଘୋଷିତ ହୋଇଛି। ସରପଞ୍ଚଭାବେ କୁଞ୍ଜବିହାରୀ ସାହୁ ୧୦ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସନାତନ ମେହେରଙ୍କୁ ପରାସ୍ତ କରିଛନ୍ତି। କୁଞ୍ଜବିହାରୀଙ୍କୁ ୧୩୩୫ ଭୋଟ ମିଳିଥିବା ବେଳେ ସନାତନ ମେହେରଙ୍କୁ ୧୩୨୫ ଭୋଟ ମିଳିଛି। ୬୫ଖଣ୍ଡ ଭୋଟ ନାକଚ ହୋଇଯାଇଛି। ତେବେ ଭୋଟଗଣତିରେ ତ୍ରୁଟି ଥିବା ଅଭିଯୋଗ କରି ପରାଜିତ ପ୍ରାର୍ଥୀ ସନାତନ ମେହେର ପୁନଃ ଗଣତି ଦାବି କରିଛନ୍ତି। ଏ ନେଇ ଗୁରୁବାର ସେ ତାଙ୍କ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ମଧ ସେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି। ଏ ନେଇ ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ବିନୋଦ କୁମାର ନାୟକଙ୍କୁ ପଚାରିବାରୁ ଭୋଟ ଗଣନାର ୧୫ ମିନିଟ ମଧ୍ୟରେ ପରେ ପ୍ରାର୍ଥୀ ଭୋଟ ଗଣନାରେ ଅସନ୍ତୋଷ ପ୍ରକାଶ କରି ପୁନଃ ଭୋଟ ଗଣନା ପାଇଁ କହିଲେ ପୁନଃ ଗଣନା କରାଯିବାର ନିୟମ ରହିଛି। କିନ୍ତୁ, ଏକ ଦିନ ପରେ କହିବାରୁ ପୁନଃ ଗଣତି କରିବା କ୍ଷମତା ମୋର ନାହିଁ ବୋଲି କହିଛନ୍ତି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଲୋଇସିଂହା,୩।୩(ଡି.ଏନ.ଏ)


ଏସ୍‌ପି ଅଫିସକୁ ଫେରାଦ ହେବାକୁ ଆସିଥିବା ଗ୍ରାମର ମହିଳା ଓ ପୁରୁଷ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଦୁମଦୁମି ଗାଁର କେତେକ ବ୍ୟକ୍ତିଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ବୁଧବାର ନୋଟିସ୍ ଜାରି କରିଛି। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗୁରୁବାର ଏସ୍‌ପି ନୀତିନ କୁଶଲକରଙ୍କୁ ଭେଟିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିବା ସହ ମାମଲା ଖାରଜ କରିବାକୁ ଅନୁରୋଧ କରିଥିଲେ। ଦୁମଦୁମି ଗ୍ରାମ ଅସବର୍ଣ୍ଣ ବସ୍ତିର ଜଣେ ଯୁବକ ସବର୍ଣ୍ଣ ବସ୍ତିର ଜଣେ ବିଧବା ମହିଳାଙ୍କ ଘରକୁ ମଙ୍ଗଳବାର ରାତିରେ ଆସିଥିଲେ। ମହିଳାଙ୍କ ଶ୍ୱଶୁର ଏହା ଜାଣିବା ପରେ ଘର ବାହାର ପଟୁ ତାଲା ପକାଇ ଗ୍ରାମବାସୀଙ୍କୁ ଡାକି ଥିଲେ। ଲୋକେ ଘର ଚାରିପଟୁ ଘେରି ରହିଥିଲେ। ଖବର ପାଇ ଲୋଇସିଂହା ଆଇଆଇସି ସଂଗ୍ରାମ ପଟ୍ଟନାୟକ, ଏସଆଇ ନବୀନ ଭୋଇ ଗାଁରେ ପହଞ୍ଚିଥିଲେ। ବନ୍ଦ ଘରୁ ସମ୍ପୃକ୍ତ ମହିଳା ଓ ଯୁବକଙ୍କୁ ପୋଲିସ ଉଦ୍ଧାର କରିଥିଲା। ଜଣେ ଅସବର୍ଣ୍ଣ ଯୁବକ ସବର୍ଣ୍ଣ ମହିଳାଙ୍କ ସମ୍ପର୍କକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯୁବକଙ୍କ ସହ ମହିଳାଙ୍କୁ ବିବାହ କରି ଦେବାକୁ ପୋଲିସକୁ ମହିଳାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ କହିଥିଲେ। ଏତିକି ବେଳେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ କେବଳ ଭ୍ୟାନରେ ଥାନକୁ ନେବାବେଳେ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ଥାନାକୁ ମାମଲା ଗଲେ ରଫାଦଫା ହେବା ଆଶଙ୍କା କରି ଗାଁରେ ଗ୍ରାମବାସୀଙ୍କ ଉପସ୍ଥିତିରେ ନିଷ୍ପତ୍ତି ନେବାକୁ ଦାବି କରିଥିଲେ। ରାସ୍ତା ଅବରୋଧ କରିବା ସହ ପୋଲିସ ଭ୍ୟାନ ଆଗରେ କେତେକ ଶୋଇପଡି ପ୍ରତିବାଦ କରିଥିଲେ। ପୋଲିସକୁ ଦୁର୍ବ୍ୟବହାର ଏବଂ କାର୍ଯ୍ୟରେ ବାଧା ଦେବାକୁ ନେଇ ପୋଲିସ ଗ୍ରାମର ୨୦ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବୁଧବାର ପୋଲିସ ଫୋର୍ସ ଗାଁକୁ ଯାଇ କେତେକଙ୍କ ଘର କାନ୍ଥରେ ନୋଟିସ ଲଗାଇଥିଲେ। ଏପରି ପୋଲିସ କାର୍ଯ୍ୟାନୁଷ୍ଠାନରେ ଅସନ୍ତୋଷବ୍ୟକ୍ତ କରି ଗ୍ରାମବାସୀ ଜିଲା ପ୍ରଶାସନ ଏବଂ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପୋଲିସ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ

# ସାପ୍ତାହିକ ବଜାର ଉଦ୍‌ଘାଟିତ

ଦେଓଗାଁ, ୩।୩ (ଡି.ଏନ.ଏ.)

ଦେଓଗାଁ ବ୍ଲକ ଫଟାମୁଣ୍ଡାରେ ଗୁରୁବାର ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ କମିଟି ନିଷ୍ପତ୍ତିକ୍ରମେ ଗାଁ ନିକଟସ୍ଥ ପଡିଆରେ ବଜାରର ଶୁଭାରମ୍ଭ କରାଯାଇଛି। ଯୁବନେତା ଆଶିଷ ପାଣ୍ଡେ ବଜାରର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜିତ ପଟେଲ, ନିଳ ପଧାନ, ମହେନ୍ଦ୍ର ମିଶ୍ର, ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ୨ ଦିନରେ ୪୩ ନାମାଙ୍କନପତ୍ର ବିକ୍ରି

## କଳାହାଣ୍ଡି ଜିଲା: ପୌର ନିର୍ବାଚନ

ଭବାନୀପାଟଣା,୩।୩(ସ୍ୱ.ପ୍ର.)

ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଶେଷ ହେଉଣୁ ଏବେ ପୌର ନିର୍ବାଚନ ପାଇଁ ଉତ୍କଣ୍ଠା ପରିଲକ୍ଷିତ ହେଉଛି। ବୁଧବାରଠାରୁ ପୌର ନିର୍ବାଚନ ସକାଶେ କାଉନସିଲର, ପୌର ଅଧକ୍ଷା, ଅଧକ୍ଷ ପଦ ପାଇଁ ନାମାଙ୍କନ ସକାଶେ ଆବେଦନପତ୍ର ବିକ୍ରି ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ମଧ୍ୟରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହେବ। କଳାହାଣ୍ଡି ଜିଲାରେ ଭବାନୀପାଟଣା ଗୋଟିଏ ମ୍ୟୁନସିପାଲିଟି ସମେତ ଜୁନାଗଡ, ଧର୍ମଗଡ ଓ କେସିଙ୍ଗା ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ରହିଛି। ବୁଧବାର ଓ ଗୁରୁବାର ୨ ଦିନ ମଧ୍ୟରେ ଏଠାରେ ୪୩ଜଣ ଫର୍ମ ବିକ୍ରି ହୋଇଛି। ସେଥିମଧ୍ୟରୁ କାଉନସିଲର ଫର୍ମ ୨୯ ଓ ଅଧକ୍ଷା/ଅଧକ୍ଷ ଫର୍ମ ୧୪ଜଣ ନେଇଛନ୍ତି।

# ଉଜ୍ଜ୍ୱଳ ଗୁପ୍ତା କଂଗ୍ରେସର ଅଧ୍ୟକ୍ଷ ପ୍ରାର୍ଥୀ

## ଖଡିଆଳ ଏନ୍‌ଏସି

ଖଡିଆଳ,୩।୩(ଡି.ଏନ.ଏ.)


କଂଗ୍ରେସ ପ୍ରାର୍ଥୀ ଉଜ୍ଜ୍ୱଳ ଗୁପ୍ତା।

ପୌର ନିର୍ବାଚନ ପାଇଁ ସରଗରମ ହେଲାଣି ନୂଆପଡ଼ା ଜିଲା ଖଡ଼ିଆଳ ସହର ରାଜନୀତି। ପ୍ରଥମ ଥର ପାଇଁ ଅଧକ୍ଷ ଲାଗି ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି। ବୁଧବାରଠୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେଣୁ ଦଳ କାହାକୁ ଟିକେଟ ଦେବ ତା' ଉପରେ ସମସ୍ତଙ୍କ ନଜର। ଏଭଳି ସ୍ଥିତିରେ ଖଡିଆଳ ଏନ୍‌ଏସି ଅଧ୍ୟକ୍ଷ ପଦ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ଦଳ ଯୁବଚେହେରାଙ୍କୁ ପ୍ରଧାନ୍ୟ ଦେଇ ଜିଲା ପରିଷଦ ଜୋନ ନଂ. ୪ର ସଭ୍ୟ ଉଜ୍ଜ୍ୱଳ ଗୁପ୍ତାଙ୍କୁ ଉପରେ ଭରସା କରି ତାଙ୍କ ନାମ ଘୋଷଣା କରିଛି। ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଯୁବଚେହେରା ଭାବେ ଉଜ୍ଜ୍ୱଳଙ୍କୁ ଟିକେଟ ଦେଇଥିବା ଜଣାପଡିଛି। ଉଜ୍ଜ୍ୱଳ ହେଉଛନ୍ତି ଖଡିଆଳ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଉମେଶ ଚନ୍ଦ୍ର ଗୁପ୍ତାଙ୍କ ପୁଅ। ସେ ୨୦୧୭ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ପକ୍ଷରୁ ୪ ନଂ. ଜିଲା ପରିଷଦ ଜୋନରୁ ରେକର୍ଡ ସଂଖ୍ୟକ ଭୋଟ ପାଇଁ ବିଜୟୀ ହୋଇଥିଲେ। ପଞ୍ଚାୟତ ରାଜନୀତି ପରେ ବର୍ତ୍ତମାନ ପୌର ନିର୍ବାଚନକୁ ଗୁରୁତର ସହ ନେଇ ଖଡିଆଳ ଅଞ୍ଚଳର ସାମୁହିକ ବିକାଶ କରିବା ପାଇଁ ଆଗଭର ହୋଇ ସେ ଜଣେ ମାତ୍ର ଟିକେଟ ପାଇଁ ଆବେଦନ କରିଥିବା କଂଗ୍ରେସ ତଥା ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଉଜ୍ଜଳଙ୍କ ଉପରେ ମୋହର ମାରି କଂଗ୍ରେସ ଦଳୀୟ ପ୍ରାର୍ଥୀ କରିଛି। ପ୍ରାର୍ଥୀ ଚୟନରେ କଂଗ୍ରେସ ଆଗରେ ଥିବା ବେଳେ ଉଭୟ ବିଜେଡି ଏବଂ ଭାଜପାରେ ଏକାଧିକ ଆଶାୟୀ ଆବେଦନ କରିଥିବା ବେଳେ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ।

# ରକ୍ତରେ ଭିଜିଲା ସପ୍ତମାତୃକା ଶୈବପୀଠ

ତୁଣ୍ଡଲା,୩।୩(ଡି.ଏନ.ଏ.)


ଭକ୍ତମାନେ ମନାସି ଥିବା ବୋଦା ଓ ଗଡ଼ରା ଧରି ବଳି ପାଇଁ ଧାଡିରେ ଛିଡା ହୋଇଛନ୍ତି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିସ୍ଥିତ ତେଲ ଓ ଉତେଇ ନଦୀର ସଙ୍ଗମସ୍ଥଳରେ ଥିବା ସର୍ବପୁରାତନ ତଥା ଐତିହାସିକ ସପ୍ତମାତୃକା ଶୈବପୀଠରେ ଚାଲିଥିବା ଶିବରାତ୍ରି ଗୁରୁବାର ସମ୍ପନ୍ନ ହୋଇଛି। ପ୍ରଥା ଅନୁସାରେ ଏଠାରେ ଶହ ଶହ ପଶୁପକ୍ଷୀଙ୍କୁ ବଳି ଦିଆଯାଇଛି। ଫଳରେ ରକ୍ତରଞ୍ଜିତ ହୋଇପଡିଛି ଶୈବପୀଠ। ଓଡ଼ିଶାର ଶୈବପୀଠରେ ବଳି ଦେବା ପରମ୍ପରା ବିରଳ ହୋଇଥିବା ବେଳେ ଏଠାରେ ଶୈବ ଓ ଶାକ୍ତର ମିଳନ ଦେଖିବାକୁ ମିଳିଛି। ଆଦିବାସୀଙ୍କ ବିଶ୍ୱାସ ଅନୁସାରେ ଶିବରାତ୍ରିର ଅମାବାସ୍ୟା ପରବର୍ତ୍ତୀ ଦିନ ଏଠାରେ ବଳି ଦିଆଯିବା ପ୍ରଥା ରହିଛି। ସେଦିନ ସକାଳୁ ପୂଜାର୍ଚ୍ଚନା ପରେ ଧବଳେଶ୍ୱରଙ୍କ ମନ୍ଦିରରୁ ଚଣ୍ଡୀ କାଳିଶି ରୂପରେ ସବାର ହେବା ପରେ ତାଙ୍କୁ କାନ୍ଧରେ ବୋହି ଦେବ ମୁହାଣ ପର୍ଯ୍ୟନ୍ତ ଅଣାଯାଇଥିଲା। ମୁହାଣରେ ପ୍ରଥମେ କଳାହାଣ୍ଡି ରାଜାଙ୍କ ଦ୍ୱାରା ପ୍ରେରିତ ବୋଦା ବଳି ଦିଆଯାଇଥିଲା।

ପରମ୍ପରା ଅନୁଯାୟୀ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଓ ଫୁଲବାଣୀର ଅଠର ମାଝି, ଷୋହଳ ପ୍ରଧାନୀ ଆଦିବାସୀମାନଙ୍କଠାରୁ ଅରୁଆ ଚାଉଳ, ଫୁଲ ସିନ୍ଦୂର ଏବଂ ଟାଙ୍ଗିଆ ଆସିବା ପରେ ସିଦ୍ଧେଶ୍ୱରୀ ପୀଠରେ ପୂଜା କରାଯାଇଥିଲା। ସେହିଭଳି ଗୁର୍ଜିଭଟାରୁ ଆସିଥିବା ନିଶାନରେ ଦେବୀ ଝୁଲିବା ପରେ କଣ୍ଟା ଦୋଳିରେ ଖେଳିଥିଲେ। ପରେ ସିଦ୍ଧେଶ୍ୱରୀ ଚଣ୍ଡୀଙ୍କଠାରେ ମନସ୍କାମନା କରିଥିବା ଭକ୍ତମାନେ ଆଣିଥିବା ବୋଦାକୁ ବଳି ଦିଆଯାଇଥିଲା। ପୀଠରେ ପ୍ରାୟ ଚାରି ଶହରୁ ଅଧିକ ବୋଦା ବଳି ଦିଆଯାଇଥିବା ଜଣାପଡ଼ିଛି। ଏଠାରେ ମନସ୍କାମନା ପାଇଁ ଦେବୀଙ୍କୁ ମନାସିଲେ ତାହା ପୂର୍ଣ୍ଣହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ନିଃସନ୍ତାନଙ୍କୁ ସନ୍ତାନ ମିଳିବା ବିଶ୍ୱାସ ରହିଥିବା ବା ଯାହା ମନୋବାଞ୍ଛା କରିଥିବେ ତାହା ପୂର୍ଣ୍ଣହୁଏ ବୋଲି ବଲାଙ୍ଗୀର ଜିଲାରୁ ଆସୁଥିବା ଜଣେ ଭକ୍ତ କହିଛନ୍ତି। ଏହି ମନ୍ଦିରରେ ଶୈବ ଓ ଶାକ୍ତର ମହାମିଳନ ବୋଲି ମନ୍ଦିର ମୁଖ୍ୟ ପୂଜକ ଦ୍ୱାରିକା ପ୍ରସାଦ ସିଂ କହିଛନ୍ତି। ଏଠାକୁ କଳାହାଣ୍ଡି, ବଲାଙ୍ଗୀର, ନୂଆପଡା, ସୋନପୁର, ବୌଦ୍ଧ, ଫୁଲବାଣୀ ତଥା ପଡୋଶୀ ଛତିଶଗଡ ରାଜ୍ୟରୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଗୁରୁବାର ସକାଳୁ ବିଭିନ୍ନ ଅଞ୍ଚଳରୁ ଶତାଧିକ ଭକ୍ତମାନେ ମନାସୀ ଥିବା ବୋଦା ଓ ଗଡ଼ରା ଧରି ଲମ୍ବା ଧାଡିରେ ଛିଡା ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ପ୍ରଶାସନ ପକ୍ଷରୁ ଯିବେ ଦୟା ନାରା ଦିଆଯାଉଥିବା ବେଳେ ଅନ୍ୟପଟେ ବିଶ୍ୱାସ ଆଗରେ ହାର ମାନିଛି ପ୍ରଶାସନ। ସାଧାରଣ ଲୋକଙ୍କୁ ସଚେତନ କରାଇବାରେ ବିଫଳ ହୋଇଛି ଜିଲା ପ୍ରଶାସନ। ଆଦିବାସୀଙ୍କ ବିଶ୍ୱାସ ଓ ପରମ୍ପରା ଆଗରେ ବଳି ପଡିଛନ୍ତି ନିରୀହ ପଶୁ। ମନ୍ଦିର ଯାତ୍ରା ପୂଜା କମିଟି ଆର୍ତ୍ତତ୍ରାଣ ସିଂ, ବେଲଦାର ଭୋଇ, ପୃଥ୍ୱୀରାଜ ଛତ୍ରିଆ, ଚକାମନ ନାଏକ, ଅକ୍ଷୟ କୁମାର ସାହୁ, ସଂକୀର୍ତ୍ତନ ଭୋଇ, କୈଳାସ ସାହୁ, ଗୌର ସିଂ ପ୍ରମୁଖ ଓ ଅଞ୍ଚଳବାସୀଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କେସିଙ୍ଗା ପୋଲିସ ପକ୍ଷରୁ ପଲମ ଫାଣ୍ଡି ଅଧିକାରୀ ଏକେ ପଣ୍ଡାଙ୍କ ନେତୃତ୍ୱରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

**ରକ୍ତଦାନ ଶିବିର: ୪୦ ୟୁନିଟ୍ ସଂଗ୍ରହ**

ଜାମଟିକ୍ରା,(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଭାଲୁପତ୍ରା କଲ୍ୟାଣ ମଣ୍ଡପରେ ଗୁରୁବାର ଭାଲୁପତ୍ରା ୟୁଥ୍ ଓ କୋଶଲ ଆନ୍ଧ୍ରା ୱେଲଫେୟାର ଆସୋସିଏଶନର ମିଳିତ ପ୍ରୟାସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବରିଷ୍ଠ ବ୍ୟକ୍ତି ୟୁ. ସତ୍ୟନାରାୟଣ ଓ ବି. ସୁବାରାଓ ଫିତାକାଟି ଶିବିରକୁ ଉଦ୍‌ଘାଟନ କରିଥିଲେ। ଭିମସାର ବୁର୍ଲାର ରକ୍ତ ସଂଗ୍ରହକାରୀ ଦଳ ଶିବିରରେ ରକ୍ତ ସଂଗ୍ରହ କରିଥିଲେ ଏବଂ ମୋଟ୍ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମସ୍ତ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସଂକ୍ଷେପରେ

### ୨୫୯ ବସ୍ତା ଧାନ ଜବତ

**ଯୋଗାଣ ବିଭାଗ ପକ୍ଷରୁ ଧାନ ମଣ୍ଡିରେ ଚଢାଉ**

ବୌଦ୍ଧ,୩।୨୨(ସ୍ୱ.ପ୍ର.): ବୌଦ୍ଧ ଜିଲା ଯୋଗାଣ ବିଭାଗ ପକ୍ଷରୁ ଗୁରୁବାର ବହିରା ଧାନ ମଣ୍ଡିରେ ଚଢାଉ କରାଯାଇ ୨୫୯ ବସ୍ତା ଧାନ ଜବତ କରାଯାଇଛି । ମିଳିଥିବା ସୂଚନା ମୁତାବକ, ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ ଓ ସମବାୟ କର୍ମଚାରୀମାନେ ଗୁରୁବାର ବହିରା ଧାନ ମଣ୍ଡିରେ ଚଢାଉ କରିଥିଲେ । ଧାନ ମଣ୍ଡିରେ ୨-୩ ଗୋଟି ସ୍ଥାନରେ ଧାନ ଗଦା ହୋଇଥିଲା । କିନ୍ତୁ ଗଦା ହୋଇଥିବା ଧାନ ଖାତାରେ ଏଣ୍ଟ୍ରି ହୋଇ ନ ଥିଲା କି କୌଣସି ଚାଷୀ ଚଢାଉ ସମୟରେ ଉପସ୍ଥିତ ନ ଥିଲେ। ସମସ୍ତ ୧୦୪ କୁଇଣ୍ଟାଲ ଧାନକୁ ଯୋଗାଣ ବିଭାଗ ପକ୍ଷରୁ ଜବତ କରାଯାଇଥିଲା । ଏନେଇ ଅତିରିକ୍ତ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କୁ ପଚାରିବାରେ ଧାନ ମଣ୍ଡିରେ ଥିଲା । ଚଢାଉ ସମୟରେ କୌଣସି ଚାଷୀ ନ ଥିଲେ । ଯଦି କେହି ଚାଷୀ ଧାନ ତାର ବୋଲି ଉପଯୁକ୍ତ ପ୍ରମାଣ ଦେଇପାରିବ ତେବେ ନେଇ ପାରିବ ବୋଲି ସୂଚନା ଦେଇଛନ୍ତି ।

### ପଠାଣି ସାମନ୍ତ ଗଣିତ ପରୀକ୍ଷାରେ କୃତିତ୍ୱ

ପାଇକମାଳ,୩।୩(ଡି.ଏନ.ଏ): ବରଗଡ ଜିଲା ପାଇକମାଳ ହାଇସ୍କୁଲର ଛାତ୍ରମାନେ ପଠାଣି ସାମନ୍ତ ଗଣିତ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ଅବସରରେ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ସଭାରେ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ର ଐନେଶ ପ୍ରଧାନ, ବାଳଗୋପାଳ ସାହୁ, ଶୁଭମ ସାହୁ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ତିନି ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୁଦାମ ପାଣ୍ଡେ, ଅମିତ କୁମାର ସାହୁ, ଆନନ୍ଦିନୀ ସେଠ, ଜଗବନ୍ଧୁ ସ୍ୱାଧୀନ ସହଯୋଗ କରିଥିଲେ। ସଭାରେ ଶେଷରେ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ପରାଜୟ ପରେ ଟଙ୍କା ମାଗିବା ଭିଡିଓ ଭାଇରାଲ

ଦେଓଗାଁ,୩।୩ (ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତର ଜଣେ ପରାଜିତ ସରପଞ୍ଚ ପ୍ରାର୍ଥୀଙ୍କ ସ୍ୱାମୀ ଲୋକଙ୍କୁ ଦେଇଥିବା ଟଙ୍କା ମାଗିବାର ଭିଡିଓ ଭାଇରାଲ ହୋଇଛି। ସ୍ତ୍ରୀ ପରାଜିତ ହେବା ପରେ ସ୍ୱାମୀ କେତେକ ସମର୍ଥକଙ୍କୁ ଧରି ପଞ୍ଚାୟତ ଅଧୀନ ନୁଆପାଲି ଯାଇଥିଲେ। ଘର ଘର ବୁଲି ଲୋକଙ୍କୁ ଟଙ୍କା ମାଗିଥିଲେ। ଏହାର ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। ଉକ୍ତ ଭିଡିଓରୁ ଏକ କ୍ରିକେଟ ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ହୋଇ ଯାଇଥିବା ସମୟରେ ଦେଇଥିବା ୫ ହଜାର ଟଙ୍କାକୁ ଫେରସ୍ତ ମାଗିଥିଲେ। ଉକ୍ତ ଟିମର ସଦସ୍ୟମାନେ ୫ ହଜାର ସହ ତେଲ ଖର୍ଚ୍ଚ ବାବଦକୁ ୫ ହଜାର ଏକ ଶହ ଟଙ୍କା ପ୍ରାର୍ଥିନୀଙ୍କ ସ୍ୱାମୀଙ୍କୁ ଫେରାଇଥିବା ଭିଡିଓରୁ ଜଣାପଡୁଛି। ଅନୁରୂପ ଭାବେ ବଡବାହାଲ ପଞ୍ଚାୟତରେ ମଧ ଜନୈକ ପରାଜିତ ସମିତି ସଭ୍ୟ ପ୍ରାର୍ଥୀ ସମର୍ଥକଙ୍କ ସହ ଟଙ୍କା ମାଗିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।

# ଅଧ୍ୟକ୍ଷ ପଦ ପାଇଁ ଛକାପଞ୍ଝା

ବୌଦ୍ଧ,୩।୩(ସ୍ୱ.ପ୍ର.)

ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣା ପରେ ବୌଦ୍ଧ ଜିଲାରେ ୩ ବ୍ଲକର ଅଧ୍ୟକ୍ଷ ପଦ ପାଇ ଏବେ ଛକାପଞ୍ଝା ଆରମ୍ଭ ହୋଇଛି। ଜିଲାରେ ଜିଲା ପରିଷଦ ଆସନ ସଂଖ୍ୟା ୯ ଗୋଟି ଥିବା ବେଳେ ଶାସକ ବିଜେଡି ୭ ଗୋଟି ଆସନ ଓ ବିରୋଧୀ ଭାଜପା ୨ଟି ଆସନ ଅକ୍ତିଆର କରିଛି। ଜିଲା ପରିଷଦ ଅଧ୍ୟକ୍ଷ ପଦ ପୁଣି ଶାସକ ଦଳ ହାତରେ ପଞ୍ଚମ ଥର ଲାଗି ରହିବାକୁ ଯାଉଥିବା ବେଳେ ବର୍ତ୍ତମାନ ତିନି ବ୍ଲକର ଅଧ୍ୟକ୍ଷ ପାଇଁ ଆରମ୍ଭ ହୋଇଛି ରାଜନୀତି। ଜିଲାର କଣ୍ଟାମାଳ ଓ ବୌଦ୍ଧ ବ୍ଲକରେ ପୁଣି ଶାସକ ଦଳ ପଞ୍ଚାୟତ ସମିତି ଅଧ୍ୟକ୍ଷ

**ହରଭଙ୍ଗା ପଞ୍ଚାୟତ ସମିତି**

ଆସନକୁ ବଜାୟ ରଖିବାକୁ ଯାଉଥିବା ବେଳେ ଚର୍ଚ୍ଚାରେ ରହିଛି ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ପଦବୀ। ହରଭଙ୍ଗା ବ୍ଲକ ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ଯାଉଛି। ଏଠାରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ୍ୟଙ୍କ ଦବଦବା ରହିଥିବା ବେଳେ ସେ ଏଠାରୁ ୫ ଥର ନିର୍ବାଚିତ ହୋଇ ସାରିଲେଣି।

ଅପରପକ୍ଷରେ ଉକ୍ତ ନିର୍ବାଚନମଣ୍ଡଳୀରେ ଭାଜପାର ବରିଷ୍ଠ ନେତା ସୁଶାନ୍ତ କୁମାର ପ୍ରଧାନ ପୂର୍ବରୁ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ଥିଲେ । ଏପରି କି ବିଭିନ୍ନ ସମୟରେ ନିଜର ସମର୍ଥକଙ୍କୁ ମଧ ଅଧ୍ୟକ୍ଷ ଆସନରେ ବସାଇବାରେ ସଫଳ ହୋଇଥିଲେ। ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ଶାସକଦଳ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ପଦ ହାତେଇଥିଲା। ଚଳିତ ନିର୍ବାଚନରେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ଅଧ୍ୟକ୍ଷ ପଦକୁ ଅକ୍ତିଆର କରିବାକୁ ଶାସକ ଦଳ ଓ ପ୍ରମୁଖ ବିରୋଧୀ ଭାଜପାର ସୁଶାନ୍ତଙ୍କ ପରିବାର ନିର୍ବାଚନ ଦିନ ଠାରୁ ହିଁ ଆଖି ରଖିଛନ୍ତି। ଏଥର ଅଧ୍ୟକ୍ଷ ପଦ ଅକ୍ତିଆର କରିବା ପାଇଁ ସୁଶାନ୍ତଙ୍କ ପରିବାରର ଦୁଇ ଭାଇ ଦୁଇ ବୋହୂ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନରେ ପରିବାରର ୩ ଜଣ ବିଜୟୀ ହୋଇଥିବା ବେଳେ ଜଣେ ମାତ୍ର ହାରି ଯାଇଥିଲେ । ବର୍ତ୍ତମାନ ଅଧ୍ୟକ୍ଷ ପଦ ପାଇଁ ଉଭୟ ବିଜେଡି ଓ ଭାଜପା ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଭାଜପାର ପ୍ରଧାନ ପରିବାର ୨୨ ସମିତି ସଭ୍ୟରୁ ୧୨ ଜଣ ନିଜ ପାଖରେ ରଖିଥିବା ନେଇ ବିଭିନ୍ନ ସୋସିଆଲ ମିଡିଆରେ ଫଟୋ ଘୁରି ବୁଲୁଛି। ଏପଟେ ଶାସକ ଦଳ ମଧ ଅଧ୍ୟକ୍ଷ ପଦ ପୁଣି ଥରେ ହାତେଇବାକୁ ଲାଗିପଡିଛି। ଏନେଇ ରାଜନୀତି ଜୋର ଧରିଛି । ଆସନ୍ତା ୧୨ ତାରିଖରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି । ଏଥର ଅଧ୍ୟକ୍ଷ ପଦବୀ ଶାସକ ଦଳ ପାଖରେ ରହୁଛି ନା ବିରୋଧୀ ଭାଜପା ହାତକୁ ଯାଉଛି ନିର୍ବାଚନର ଫଳାଫଳରୁ ଜଣାପଡିବ।

# ମଡେଲିଂରେ ବଲାଙ୍ଗୀର ଗୃହିଣୀଙ୍କ ସଫଳତା

ବଲାଙ୍ଗୀର ଅଫିସ, ୩।୩

ଦିଲ୍ଲୀର ଏକ ପଞ୍ଚତାରକା ହୋଟେଲରେ ଗତ ଫେବୃୟାରୀ ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ଏକ ମଡେଲିଂ ପ୍ରତିଯୋଗିତାରେ ବଲାଙ୍ଗୀର ହାତୀଶାଳପଡା ନିବାସୀ ଗୃହିଣୀ ସାବିତ୍ରୀ କୁମ୍ଭାର ସଫଳତା ହାସଲ କରିଛନ୍ତି। ଏହି ମଡେଲିଂ ପ୍ରତିଯୋଗିତାରେ ଓଡିଶାରୁ ସାବିତ୍ରୀ କୁମ୍ଭାର ଏକମାତ୍ର ପ୍ରତିଯୋଗୀଭାବେ ଭାଗ ନେଇଥିଲେ। ଏଥିରେ ୩୦ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଭା ରାଉଣ୍ଡରେ ସାବିତ୍ରୀଙ୍କ ସମ୍ବଲପୁରୀ ନାଚ ସମସ୍ତଙ୍କର ପସନ୍ଦ ହୋଇଥିଲା। ଶେଷ ରାଉଣ୍ଡରେ ସର୍ବଶ୍ରେଷ୍ଠ ୫ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ସାବିତ୍ରୀ ପ୍ରଥମ ସ୍ଥାନରେ ବିଜୟୀ ଘୋଷିତ ହୋଇଥିଲେ। ଆଗକୁ ମଧ ମଡେଲିଂ ଦୁନିଆରେ ସଫଳତା ପାଇଁ ପ୍ରୟାସ କରିବେ ବୋଲି ସାବିତ୍ରୀ କହିଛନ୍ତି ।



ମଡେଲିଂରେ ବିଜୟୀ ଘୋଷିତ ସାବିତ୍ରୀ କୁମ୍ଭାର।


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଭଗବତୀ ଟ୍ରଫି କ୍ରିକେଟ୍: ଟିସିସି ଟିଟିଲାଗଡ ବିଜୟୀ

ସୋନପୁର,୩।୩(ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୧ ତମ ଆନ୍ତଃ ଜିଲା ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଟିସିସି ଟିଟିଲାଗଡ ବିଜୟୀ ହୋଇଛି। କେସିସି ଧର୍ମଶାଳା ଓ ଟିସିସି ଟିଟିଲାଗଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୨୨.୧ ଓଭରରେ ୧୧୮ ରନ କରି ଅଲ ଆଉଟ ହୋଇ ଯାଇଥିଲା। ନନ୍ଦି ଖୁରା ୨୮ ରନ ଓ ସୌରଭ ବେଦବାକ୍ ୨୫ ରନ ସଂଗ୍ରହ କରିଥିଲେ। ଟିଟିଲାଗଡର ଜୟପ୍ରକାଶ ମହାନନ୍ଦ ୪.୧ ଓଭର ବୋଲିଂ କରି ୪ଟି ମୁଲ୍ୟବାନ ଉଇକେଟ୍ ଅକ୍ତିଆର କରିଥିଲେ। ଟିଟିଲାଗଡ ଦଳର ପୁରୁଷୋତ୍ତମ ପଧାନ ୬୪ ରନ ଓ ସୁବାଶିଷ ମିର୍ଦ୍ଧା ୨୬ ରନ ସଂଗ୍ରହ କରିଥିଲେ। ଟିଟିଲାଗଡ ଦଳ ୮ ଉଇକେଟ୍‌ରେ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଧର୍ମଶାଳାର ନନ୍ଦୀ ଖୁରା ଓ ବିକାଶ ମଲ୍ଲିକ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୁରୁଷୋତ୍ତମ ପଧାନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ଶ୍ୟାମ ସୁନ୍ଦର ପଣ୍ଡା ଓ ଶ୍ରୀବନ୍ତ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅମ୍ଳାନ ଅଭିଜିତ ହୋତା ଧାରା ବିବରଣୀ ପ୍ରଦାନ କରିଥିଲେ । ପିଙ୍କୁ ବେହେରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ସୁଜିତ କୁମାର ସାହୁ ଓ ଅଶୋକ କୁମାର ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ।

# ଏନ୍‌ଏସି ନିର୍ବାଚନ କଂଗ୍ରେସର ପ୍ରାର୍ଥୀ ଖୋଜା

ନୂଆପଡ଼ା ଅଫିସ,୩।୩

ନୂଆପଡା ଜିଲାରେ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଖରିଆର ରୋଡ, ଖଡିଆଳ ଓ ନୂଆପଡା ରହିଛି। ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୩ ୱାର୍ଡ ରହିଥିବା ବେଳେ ନୂଆପଡାରେ ୧୪ଟି ୱାର୍ଡ ଏବଂ ଖରିଆର ରୋଡ ବିଜ୍ଞାପିତ ଅଂଚଳ ପରିଷଦରେ ୧୯ୱାର୍ଡ ରହିଛି। ୨୦୧୩ରେ ନୂଆପଡା ଏନଏସି ଗଠନ ହୋଇଥିବା ବେଳେ ପୂର୍ବରୁ ଖରିଆର ରୋଡ ଓ ଖଡିଆଳ ଏନ୍‌ଏସି ରହିଥିଲା। ବର୍ତ୍ତମାନ ବିଜେଡିରୁ ପ୍ରାର୍ଥୀ ଚୟନ କରି ପ୍ରତି ୱାର୍ଡରେ ପ୍ରାର୍ଥୀ ଦିଆଯାଉଥିବା ବେଳେ ଭାଜପା ପକ୍ଷରୁ ଚୟନ କରାଯାଉଛି। କଂଗ୍ରେସ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାର୍ଥୀ ଖୋଜି କରି ନ ଥିବାରୁ ଦ୍ୱନ୍ଦରେ ରହିଛି। ମାର୍ଚ୍ଚ ୨ ତାରିଖଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପ୍ରାର୍ଥୀ ଚୟନରେ ବିଳମ୍ବ ହେଉଥିବାରୁ ବର୍ତ୍ତମାନ ସୁଦ୍ଧା ନାମାଙ୍କନ ଦାଖଲ ହୋଇ ପାରିନାହିଁ।

# ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର କର



ଗ୍ରାମବାସୀ ଓ ଛାତ୍ରୀଛାତ୍ର ବିକ୍ଷୋଭ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

ବରଗଡ଼ ଅଫିସ,୩।୩

**ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ**

ବରଗଡ଼ ଜିଲା ବିଜେପୁର ବ୍ଲକ ସାଲେଦମକି ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବି ଜୋର୍ ଧରିଛି। ଏହି କ୍ରମରେ ଗୁରୁବାର ବିଦ୍ୟାଳୟ ସୁରକ୍ଷା କମିଟି ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏବଂ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ରାଜ୍ୟ ସରକାର ସ୍କୁଲ ବନ୍ଦ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷା ଅଧିକାର ଅଧିନିୟମରେ ପୁନଃ ଏହି ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ସହିତ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବାକୁ ଅନୁମତି ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ସୁରକ୍ଷା କମିଟିର ବଳରାମ ବିଶି, ଗୋବିନ୍ଦ ଭୁଏ, ପୁରନ ବିଭାର, ବିଶାଖା ଭୁଏ, ଲଳିତ ଭୁଏ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ନିର୍ଦ୍ଦେଶ

ସୁବର୍ଣ୍ଣପୁର,୩।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କିତ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ଜରୁରୀ ଶାଖା ଅଧିକାରୀ ଇପ୍ସିତା ମିଶ୍ର ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ପିଡ଼ି ଡିଆରଡିଏ ଡୋଳାମଣି ପଟେଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀମାନଙ୍କୁ ସୂଚିତ କରିବା ପାଇଁ କୁହାଯାଇଥିଲା । ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟାକୁ ଜିରୋ କରିବା ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଂଶୁଘାତଜନିତ ସୂଚନା ନିମନ୍ତେ ଜିଲା ଜରୁରୀ ଶାଖା ତରଫରୁ ସର୍ବସାଧାରଣଙ୍କ ନିମନ୍ତେ କଣ୍ଟ୍ରୋଲ ରୁମ ଆସନ୍ତା ଏପ୍ରିଲ ୧ତାରିଖରୁ ଚାଲୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ଜିଲାରେ ଅଚଳ ହୋଇଥିବା


ବୈଠକରେ ଉପସ୍ଥିତ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ।

**ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ**

ନଳକୂପଗୁଡିକୁ କାର୍ଯ୍ୟକ୍ଷମ କରିବା, ଅଂଶୁଘାତଜନିତ ମୃତ୍ୟୁର ଯଥାଶୀଘ୍ର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲାର ଜନଗହଳି ସ୍ଥାନ, ବସଷ୍ଟାଣ୍ଡରେ ଜଳଛତ୍ର ଖୋଲିବା, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ସମୟରେ ପ୍ରାଣୀ ସମ୍ପଦଙ୍କ ପିଇବା ପାଣିର ବ୍ୟବସ୍ଥା ତଥା ଔଷଧ ରଖିବା ନିମନ୍ତେ ବିଡ଼ିଓ ଏବଂ ଜିଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଅଂଶୁଘାତ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା।

# ୨ ଦିନରେ ୪୩ ନାମାଙ୍କନପତ୍ର ବିକ୍ରି

ଭବାନୀପାଟଣା,୩।୩(ସ୍ୱ.ପ୍ର.)

**କଳାହାଣ୍ଡି ଜିଲା: ପୌର ନିର୍ବାଚନ**

ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଶେଷ ହେଉଣୁ ଏବେ ପୌର ନିର୍ବାଚନ ପାଇଁ ଉତ୍କଣ୍ଠା ପରିଲକ୍ଷିତ ହେଉଛି। ବୁଧବାରଠାରୁ ପୌର ନିର୍ବାଚନ ସକାଶେ କାଉନସିଲର, ପୌର ଅଧ୍ୟକ୍ଷା, ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ସକାଶେ ଆବେଦନପତ୍ର ବିକ୍ରି ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ମଧ୍ୟରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହେବ। କଳାହାଣ୍ଡି ଜିଲାରେ ଭବାନୀପାଟଣା ଗୋଟିଏ ମ୍ୟୁନସିପାଲିଟି ସମେତ ଜୁନାଗଡ, ଧର୍ମଗଡ ଓ କେସିଙ୍ଗା ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ରହିଛି। ବୁଧବାର ଓ ଗୁରୁବାର ୨ ଦିନ ମଧ୍ୟରେ ଏଠାରେ ୪୩ଜଣ ଫର୍ମ ବିକ୍ରି ହୋଇଛି। ସେଥିମଧ୍ୟରୁ କାଉନସିଲର ଫର୍ମ ୨୯ ଓ ଅଧ୍ୟକ୍ଷା/ଅଧ୍ୟକ୍ଷ ଫର୍ମ ୧୪ଜଣ ନେଇଛନ୍ତି।

# ଚେତନାଧର୍ମୀ ନାଟକ 'ଜିଁ ଥିଲେ ଜୀବିକା'


ପ୍ରଦର୍ଶିତ ନାଟକର ଏକ ଦୃଶ୍ୟ।

ସୋନପୁର,୩।୩(ନି.ପ୍ର.)

ସୁବର୍ଣ୍ଣପୁରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ନାଟ୍ୟଚକ୍ରର କଳାକାରମାନେ ସ୍ୱଚ୍ଛତାକୁ ନେଇ ପ୍ରସ୍ତୁତ ଏକ ପଥପ୍ରାନ୍ତ ନାଟକ ସହରର ବିଭିନ୍ନ ଛକରେ ପରିବେଷଣ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ସହାୟତାରେ ନାଟ୍ୟଚକ୍ରର କଳାକାରମାନେ ସ୍ୱଚ୍ଛତା ବିଷୟରେ ଲୋକଙ୍କ ମନରେ ଚେତନା ସୃଷ୍ଟି କରିବା ପାଇଁ ପ୍ରଦର୍ଶିତ କରିଥିବା ନାଟକ ଜିଁ ଥିଲେ ଜୀବିକା ବେଶ ମନଛୁଆଁ ହୋଇପାରିଛି। ନାଟକକୁ ଶ୍ୟାମା ଓଁ ପ୍ରସାଦ ମିଶ୍ର ରଚନା କରିବା ସହ ନିର୍ଦ୍ଦେଶନା ଦେଇଥିଲେ। ନାଟଚକ୍ରର କଳାକାର ରମେଶ ନନ୍ଦ, ପୀତାମ୍ବର ସୁନା, ଗୋବିନ୍ଦ ଡାଙ୍ଗ, ଆକାଶ ରଣା, ରାଜା ମହାରଣା, ମାନସ ପଧାନ, ଜଗନ୍ନାଥ ତ୍ରିପାଠୀ, ପପୁନ ପଧାନ ଓ ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ଅଭିନୟ କରିଥିଲେ।

# ଫାଇଲେରିଆ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

ସୋନପୁର,୩।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଫାଇଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ମାର୍ଚ୍ଚ ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ଜିଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାକୁ ସଫଳ କରିବା ନିମନ୍ତେ ଗୁରୁବାର ଜିଲାପାଳ ଅବୋଲି ସୁନୀଲ ନରୱେଣେଙ୍କ ଅଧ୍ୟକ୍ଷତାରେ ସମନ୍ୱୟ କମିଟିର ଦ୍ୱିତୀୟ ବୈଠକ ହୋଇଯାଇଛି। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଏହାର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଔଷଧ ଗୁରୁତର ରୋଗରେ ପୀଡିତଙ୍କୁ ଦିଆଯିବ ନାହିଁ । ୨ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଅନ୍ୟ ସମସ୍ତେ ସେବନ କରିବେ। ଗତବର୍ଷ ଫାଇଲେରିଆ

**ସାମୂହିକ ଔଷଧ ସେବନର ପ୍ରସ୍ତୁତି**

ସର୍ବେକ୍ଷଣରେ ଜିଲାର ପ୍ରାୟ ଶତକଡା ୩ ପ୍ରତିଶତ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣା ପଡିଥିଲା । ମାତ୍ର ଗତବର୍ଷ ସାମୁହିକ ଔଷଧ ସେବନ ପରେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଯଥେଷ୍ଟ କମ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଥିଲା। କ୍ୟୁଲେକ୍ସ ମଶା ଏହି ରୋଗର ବାହକ ଥିବା ବେଳେ ସମସ୍ୟା ଏହା ଯେ ରୋଗ ସଂକ୍ରମଣ ହେବାର ଅନେକ ବର୍ଷ ପରେ ଯାଇ ରୋଗୀଙ୍କ ହାଇଡ୍ରୋସିଲ ଓ ଗୋଦର ଗୋଡ ଆଦି ଲକ୍ଷଣ ପ୍ରକାଶ ପାଇଥାଏ। ଏହାର ନିରାକରଣ ପାଇଁ ଆଶା ଓ ଅଙ୍ଗନବାଡି କର୍ମୀମାନେ ଏହି ଦିନଗୁଡିକରେ ଘରକୁ ଘର ଯାଇ ଫାଇଲେରିଆ ରୋଗ ଉପରେ ସଚେତନତା ସୃଷ୍ଟି କରିବା ସହ ବୟସ ଅନୁସାରେ ଫାଇଲେରିଆ ନିରାକରଣ ନିମନ୍ତେ ଉଦ୍ଦିଷ୍ଟ ଔଷଧ ଆଲବେଣ୍ଡାଜଲ ଓ ଡି.ଇ.ସି ବଟିକା ଖୁଆଇବେ । ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଥିବା ଏବଂ ପେଟପୁରା ଖାଦ୍ୟ ଖାଇବା ପରେ ଔଷଧ ସେବନ କରିବା ନିମନ୍ତେ ବୈଠକରେ ସୂଚନା ଦିଆ ଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଘରକୁ ଘର ଯାଇ ଔଷଧ ସେବନ କରାଇବା ନିମନ୍ତେ ୧୯୬୮ ଜଣ ଔଷଧ ସେବନ କର୍ମୀ ନିୟୋଜିତ କରାଯାଇଛି ଏବଂ କାର୍ଯ୍ୟକୁ ସୁନିଶ୍ଚିତ ଓ ତଦାରଖ କରିବା ନିମନ୍ତେ ୧୯୬ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି । ଏଥିନିମନ୍ତେ ସରକାରଙ୍କ ତରଫରୁ ଆବଶ୍ୟକ ଡି ଇ ସି ଟାବଲେଟ ଓ ଆଲବେଣ୍ଡାଜଲ ଟାବଲେଟ ଜିଲାରେ ପହଞ୍ଚି ସାରିଛି । କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଏବଂ ସୁପରିଚାଳନା କରିବା ନିମନ୍ତେ ସେକ୍ଟର ଲେବେଲ, ବ୍ଲକ ଲେବେଲ ଓ ମ୍ୟୁନିସିପାଲିଟି ଲେବେଲରେ ରେପିଡ ରେସପନ୍ସ ଟିମ୍ ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡ଼ିଆରଡିଏ ଡୋଳାମଣୀ ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଡିପିଏମ୍ ଡ. ବିଶ୍ୱମ୍ଭର ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରମଣି ହାଁସଦା, ପାଲାକା ରବିନ୍ଦ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ତଥା ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।